

## ବିବାହ ଆଳରେ ମହିଳାଙ୍କୁ ପ୍ରତାରଣା

# ରସିକିଆ ଡାକ୍ତର ଗିରଫ

ଭୁବନେଶ୍ୱର, ୨୨।୬ (ସମିସ)

ରସିକିଆ ଡାକ୍ତରଙ୍କ କଳା କାରନାମା ପଦାରେ ପଡ଼ିଛି। ବିବାହ ପ୍ରତିଶ୍ରୁତି ଦେଇ ମହିଳା ବିଲ୍ଡର୍ସଙ୍କ ସହ ଶାରୀରିକ ସମ୍ପର୍କ ରଖିଛନ୍ତି। ଖାଲି ସେତିକି ନୁହେଁ, ୨୫ ଲକ୍ଷ ଟଙ୍କା ଓ ଆଇଫୋନ୍ ଠକି ନେଇଛନ୍ତି। ବିବାହ କରିବାକୁ କହିବାରୁ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏଭଳି କାଣ୍ଡ ଭିଆଇଥିବା ଡାକ୍ତରଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କୋରାପୁଟ ଜୟପୁର ଥାନା ଶ୍ରୀରାମ ନଗରର ଅବିନାଶ ମହାନ୍ତି (୩୨)।

- ଦୁବାଇ ନେଇ ରଖିଥିଲେ ଶାରୀରିକ ସମ୍ପର୍କ
- ଠକି ନେଇଛନ୍ତି ୨୫ ଲକ୍ଷ ଓ ଆଇଫୋନ୍



ପୁଲିସ ସୂଚନା ମୁତାବକ, ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ମହିଳା ଜମିବାଡ଼ି ବ୍ୟବସାୟ କରୁଥିବା ବେଳେ ଅବିନାଶ ଗଞ୍ଜାମ ଜିଲ୍ଲା ଡେଙ୍ଗାଓସ୍ତା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ କାମ କରୁଛନ୍ତି। ଦୁଇ ବର୍ଷ ପୂର୍ବେ ମହିଳାଙ୍କୁ ପାରିବାରିକ ଜୀବନରେ ଝଗଡ଼ା ହେବାରୁ ତାଙ୍କ ସ୍ୱାମୀ ଅଲଗା ହୋଇ ଅନ୍ୟତ୍ର ରହୁଥିଲେ। ସେତିକିବେଳେ ସାମାଜିକ ଗଣମାଧ୍ୟମ ଜରିଆରେ ମହିଳା ଓ ଅବିନାଶ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୨୪ ଡିସେମ୍ବର ୯ ତାରିଖ ଦିନ ଅବିନାଶ କହିବା ମୁତାବକ ମହିଳା ଜଣକ ନିଜ ଲୋକେସନ୍ ସେୟାର କରିଥିଲେ। ଠିକଣା ପାଇବା ପରେ ରସିକିଆ ଡାକ୍ତର ଅବିନାଶ ମହିଳାଙ୍କ ଘରେ ପହଞ୍ଚି ଯାଇଥିଲେ। ସେଠାରେ ମହିଳା ଓ ଅବିନାଶ ଥଣ୍ଡା ପାନୀୟ ପିଇବା ପରେ ମହିଳା ଜଣକ ବେହୋସ୍ ହୋଇ ଯାଇଥିଲେ। ସେ ଚେତା ଫେରିପାଇଲା ବେଳକୁ ଦୁଷ୍କର୍ମର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରବର୍ତ୍ତୀ ସମୟରେ ଅବିନାଶ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ।

ଏହାରି ଭିତରେ ବିଭିନ୍ନ ଆଳ ଦେଖାଇ ଅବିନାଶ ଟଙ୍କା ମାଗୁଥିବା ବେଳେ ମହିଳା ଜଣକ ମଧ୍ୟ ଦେଉଥିଲେ। ଅବିନାଶ ବିଭିନ୍ନ ପର୍ଯ୍ୟାୟରେ ମହିଳାଙ୍କ ଠାରୁ ପ୍ରାୟ ୨୫ ଲକ୍ଷ ଟଙ୍କା ନେଇ ଯାଇଥିଲେ। କେବଳ ସେତିକି ନୁହେଁ, ସୁନା ଚେନ୍, ବ୍ରେସଲେଟ୍ ଓ ଆଇଫୋନ୍ ମଧ୍ୟ ନେଇଥିଲେ। ଗତବର୍ଷ ଡିସେମ୍ବର ୨୮ ତାରିଖ ଦିନ ମହିଳା ଓ ଅବିନାଶ ମିଶି ଦୁବାଇ ଯାଇଥିଲେ। ସେଠାରେ ରହଣି ମଧ୍ୟରେ ଅବିନାଶ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ଆଉ ସମ୍ପର୍କ ରଖିବାକୁ ଚାହୁଁ ନାହାନ୍ତି ବୋଲି ପରବର୍ତ୍ତୀ ସମୟରେ ଅବିନାଶ କହିଥିଲେ। ମହିଳା ଜଣକ ତାଙ୍କ ଉଦ୍ଦେଶ୍ୟ ବୁଝିପାରି ଦେଇଥିବା ଟଙ୍କା ଓ ସୁନାଗହଣା ଫେରସ୍ତ ମାଗିଥିଲେ। ହେଲେ ଅବିନାଶ ଟଙ୍କା ଓ ଅଳଙ୍କାର ଫେରାଇବା ପରିବର୍ତ୍ତ? ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିଲେ। ଏନେଇ ମହିଳା ଜଣକ ଏୟାରଫିଲ୍ଡ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଉମରକୋଟର ଏକ ଲଜରେ ଅବିନାଶ ଲୁଚିଥିବା ଖବରପାଇ ଏୟାରଫିଲ୍ଡ ପୁଲିସ ଚଢ଼ଉ କରିଥିଲା। ସେଠାରୁ ଅବିନାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମ୍ୟାନେଜରଙ୍କ କଳାକାରନାମା

# ତଞ୍ଚକତା କରି ଦୁଇ କୋଟି ହଡ଼ପ



ଭଉଣୀ ନାମରେ ଖୋଲିଥିଲା ଜାଲ୍ ଆକାଉଣ୍ଟ

ଭୁବନେଶ୍ୱର, ୨୨।୬ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଚୋରି ଘଟଣାରୁ ଦୁଇ କୋଟି ଟଙ୍କା ଠକେଇ ମାମଲା ସାମନାକୁ ଆସିଛି। ବିଶ୍ୱାସଘାତକ ମ୍ୟାନେଜରର କଳାକାରନାମା ପଦାରେ ପଡ଼ିଥିବା ବେଳେ ଭାଇଭଉଣୀ ମିଶି ୨ କୋଟି ଟଙ୍କା ଆତ୍ମସାତ କରିଛନ୍ତି। ଆଇଗିଣିଆ ଭଗବତୀ ଷ୍ଟୋରରେ ଏଭଳି ଘଟଣା ଘଟିଥିବା ବେଳେ ଭରତପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଭାଇଭଉଣୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଭଗବତୀ ଷ୍ଟୋରର ମ୍ୟାନେଜର ରାମେଶ୍ୱର ପାତ୍ର (୩୮) ଓ ତାଙ୍କ ଭଉଣୀ ନକ୍ଷତ୍ରମାଳା ପାତ୍ର (୪୦)।

ପୁଲିସ ସୂଚନା ମୁତାବକ, ଆଦିତ୍ୟ ନାରାୟଣ ପଣ୍ଡାଙ୍କର ଆଇଗିଣିଆରେ ଭଗବତୀ ଷ୍ଟୋର ନାମରେ ଏକ ରାସନ ଗୋଦାମ ଥିବାବେଳେ ରାମେଶ୍ୱର ସେଠାର ମ୍ୟାନେଜର ତଥା ଆକାଉଣ୍ଟାଣ୍ଟ ଭାବେ ଗୋଦାମର ହିସାବକିତାବ ବୁଝାବୁଝି କରନ୍ତି। ୨୦୨୪ ମସିହା ଅଗଷ୍ଟ ମାସରେ ରାମେଶ୍ୱର ଗୋଦାମରୁ ୨ ଲକ୍ଷ ୫୦ ହଜାର ଟଙ୍କା ଚୋରି କରୁଥିବା ବେଳେ ଆଦିତ୍ୟ ଧରିପକାଇଥିଲେ। ପଚରାଉଚରା କରିବା ପରେ ରାମେଶ୍ୱର କୋଟିଏ ଟଙ୍କାର ହେରଫେର କରିଥିବା ସ୍ୱୀକାର କରିବା ସହ ଟଙ୍କା ଫେରସ୍ତ ପାଇଁ ରାଜି ହୋଇଥିଲା। କିନ୍ତୁ ଟଙ୍କାଟିଏ ମଧ୍ୟ ଫେରାଇ ନଥିଲା। ଆଦିତ୍ୟ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ରାମେଶ୍ୱର ଭଗବତୀ ଷ୍ଟୋର ନାମ ରଖି ନିଜ ଭଉଣୀ ନାମରେ ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲିଥିଲା। ଗୋଦାମର ଗ୍ରାହକମାନଙ୍କ ଠାରୁ ବ୍ୟାଙ୍କ୍ ଚେକ୍ ସଂଗ୍ରହ କରି ସେହି ଆକାଉଣ୍ଟରେ ଡିପୋଜିଟ କରିଥିଲା। ଏହିପରି କରି ରାମେଶ୍ୱର ପ୍ରାୟ ୨ କୋଟି ଟଙ୍କା ଠକେଇ କରିଥିବା ଜାଣିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା। ଆଜି ରାମେଶ୍ୱର ଓ ତାଙ୍କ ଭଉଣୀ ନକ୍ଷତ୍ରମାଳାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଭୋଗ ଦୋକାନୀଙ୍କୁ ଲୁହାଛଡ଼ରେ ଆକ୍ରମଣ

ଯାଁଳା, ୨୨।୬ (ସମିସ): ଭୋଗ ଦୋକାନ ବନ୍ଦ କରି ଫେରୁଥିବା ବେଳେ ଜଣେ ଦୋକାନୀଙ୍କୁ ଲୁହାଛଡ଼ରେ ମରଣାନ୍ତକ ଆକ୍ରମଣ ହୋଇଥିବା ଇନଫୋସିଟି ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଯୁବକ ଜଣକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ ଇନଫୋସିଟି ଥାନା ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମର ବିରଞ୍ଚି ନାରାୟଣ ମହାପାତ୍ର। ଆକ୍ରମଣକାରୀ ଜଣକ ହେଲେ ସେହି ଗ୍ରାମର ଦୁଖିଶ୍ୟାମ ଭୂୟାଁ।

ମିଳିଥିବା ସୂଚନା ଅନୁସାରେ ବିରଞ୍ଚି ତାଙ୍କ ଭୋଗ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଫେରୁଥିବା ସମୟରେ ହଠାତ୍ ଦୁଖିଶ୍ୟାମ ବାଟରେ ବିରଞ୍ଚିଙ୍କୁ ଅଟକାଇଥିଲେ। କିଛି କାରଣ ନଥାଇ ମୋ ଗଛ ଡାଳ କାହିଁକି ଭାଙ୍ଗିଲୁ କହି ବିରଞ୍ଚିଙ୍କ ସହ ଯୁକ୍ତି କରିଥିଲେ। ବିରଞ୍ଚି ମନା କରିବାରୁ ଏଥିରେ ଉତକ୍ଷିପ୍ତ ହୋଇ ଏକ ଲୁହାଛଡ଼ରେ ତାଙ୍କ ମୁଣ୍ଡ ଓ ମୁହଁକୁ ଆକ୍ରମଣ କରିଥିଲେ। ଫଳରେ ବିରଞ୍ଚିଙ୍କ ମୁଣ୍ଡ ଓ ଆଖି ଫାଟି ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ସ୍ଥାନରେ ଲୋକ ଦୌଡି ଆସି ବିରଞ୍ଚିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜଟଣୀ ଡାକ୍ତରଖାନା ପଠାଇଥିଲେ। ସେହି ସମୟରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ବିରଞ୍ଚି ଇନଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। କିନ୍ତୁ ଅଭିଯୁକ୍ତ ଗ୍ରାମରେ ବୁଲୁଥିଲେ ମଧ୍ୟ ପୁଲିସ ଗିରଫ କରିବାରେ ସକ୍ଷମ ହୋଇନାହିଁ।

# ନୂଆ ରୂପ ପାଇବ ଜନପଥ

ଭୁବନେଶ୍ୱର, ୨୨।୬ (ସମିସ): ନୂଆ ରୂପ ପାଇବ ଜନପଥ। ରଙ୍ଗବେରଙ୍ଗର ଫୁଲ ସାଙ୍ଗକୁ ସବୁଜ, ସୁନ୍ଦର ଓ ଆକର୍ଷଣୀୟ ପାଲଟିବ ରାଜଧାନୀର ଅନ୍ୟତମ ପ୍ରମୁଖ ଓ ବ୍ୟସ୍ତବହୁଳ ରାସ୍ତା। ଏଥିପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ୍) ଏକ ବଡ଼ ସୌନ୍ଦର୍ଯ୍ୟକରଣ ଓ ସବୁଜ ସଜ୍ଜା ପ୍ରକଳ୍ପ ଆରମ୍ଭ କରିଛି। ଏହି ପ୍ରକଳ୍ପ ଅଧୀନରେ ରାସ୍ତାର ସବୁଜ ସଜ୍ଜାର ସୌନ୍ଦର୍ଯ୍ୟ ବଢ଼ାଇବା ସହିତ ପରିବେଶର ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଦ୍ରୁତ ସହରୀକରଣ ଯୋଗୁଁ ସହରର ତାପମାତ୍ରା ବଢୁଥିବା ବେଳେ ଏହି ପ୍ରକଳ୍ପଗୁଡ଼ିକ ସହରରେ ସୃଷ୍ଟି ହେଉଥିବା ସହରୀୟ ତାପମାତ୍ର ପ୍ରଭାବକୁ କମ୍ କରିବା ପାଇଁ ବିଏସସିଏଲ ଲକ୍ଷ୍ୟ ରଖିଛି। ଜନପଥରେ ବଡ଼ ଛାଇ ପ୍ରଦାନକାରୀ ଗଛ ଲଗାଯାଉଛି। ଏହା ଗରମରୁ ରକ୍ଷା କରିବା ସହ ରାସ୍ତାର ପୃଷ୍ଠ ତାପମାତ୍ରା କମ୍ କରିବ ଏବଂ ବର୍ଷସାରା ଚାଲିବା ପାଇଁ ଆରାମଦାୟକ ପରିବେଶ ସୃଷ୍ଟି କରିବ। ଏହାସହିତ ଗଛ ଏବଂ ଗଛଲତା ବାୟୁ ଗୁଣବତ୍ତା ଉନ୍ନତ କରିବ, ସହରାଞ୍ଚଳ ଜୈବ ବିବିଧତାକୁ ସମର୍ଥନ କରିବ ଏବଂ ଭୂମିରେ ବର୍ଷାଜଳକୁ ଭଲ ଭାବରେ ସଂରକ୍ଷଣ କରିବ ବୋଲି ବିଏସସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଚଞ୍ଚଳ ରାଣା କହିଛନ୍ତି। ତେବେ ଏହି ପ୍ରକଳ୍ପର ଏକ ପ୍ରମୁଖ ଆକର୍ଷଣ ହେବ ଟାବେବୁଆ ରୋଜିଆ (ଗୋଲାପୀ ଫୁଲ) ଗଛର ଧାଡ଼ି। ସେହିପରି ରାସ୍ତା ମଝିରେ ଥିବା ମେଡିଆନ୍‌ରେ ନାଲି ରଙ୍ଗର ରୁଦ୍ରପଳାଶ (ସ୍ୱାଥୋଡିଆ) ଗଛ ସାଙ୍ଗକୁ ହାମେଲିଆ ଏବଂ ଆକାଲିଫା ଭଳି ଗୁଳ୍ମ ଏବଂ ରୋଓ ଭଳି ଭୂମି ଆଚ୍ଛାଦନକାରୀ ଗଛଗୁଡ଼ିକ ଏହି କରିଡରକୁ ଅଧିକ ରଙ୍ଗୀନ ଏବଂ ସୁନ୍ଦର କରିବ। ଲୋକମାନେ ଏଠାରେ ପରିବାର ସହିତ ବୁଲିବା, ଫଟୋ ଉଠାଇବା ଏବଂ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ସାଙ୍ଗକୁ ଏହା ସହରର ସବୁଜ ଆବରଣ ବଢ଼ାଇବା ସହିତ ପରିବେଶ ସନ୍ତୁଳନ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ କମ୍ କରିବାରେ ମଧ୍ୟ ସହାୟକ ହେବ ବୋଲି ବିଏସସିଏଲ ପକ୍ଷରୁ କୁହାଯାଇଛି। ତେବେ ଏକାମ୍ରକ୍ଷେତ୍ର, ମାଷ୍ଟର କ୍ୟାଣ୍ଟିନ୍ ଟ୍ରାଫିକ୍ ଅଞ୍ଚଳ, ରାଜମହଲ ଫ୍ଲାଏଓଭର ତଳ ଭାଗ, ଇଡ୍‌କୋ ଟାୱାର ଏବଂ ଓପିଟିସିଏଲ୍ ସମ୍ମୁଖ ଭାଗ ସମେତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୧୦ଟି ପ୍ଲାଜା ତିଆରି ହେବ। ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଦ୍ୱାରା ଅନୁପ୍ରାଣିତ ହୋଇ ଏହି ସାର୍ବଜନୀନ ସ୍ଥାନଗୁଡ଼ିକ ନିର୍ମିତ ହେବ। ଏଥିରେ ପଥ ଉତ୍ସବ ଭଳି ସାମୂହିକ କାର୍ଯ୍ୟକଳାପ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସମାଜିକ ଅନୁଷ୍ଠାନ ଆୟୋଜନ କରାଯିବ। ଲୋକମାନେ ଏଠାରେ ଆରାମରେ ସମୟ ଅତିବାହିତ କରିବା ସହ ସହରର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ତେବେ ଅଗଷ୍ଟ ମାସ ସୁଦ୍ଧା ସମସ୍ତ ସୌନ୍ଦର୍ଯ୍ୟକରଣ କାମ ସରିବା ନେଇ ଯୋଜନା ରହିଛି।

## ସାମାନ୍ୟ ବଚସାରୁ ସହକର୍ମୀଙ୍କୁ କଇଞ୍ଚିରେ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୨୨।୬ (ସମିସ): ସାମାନ୍ୟ ବଚସାରୁ ସହକର୍ମୀଙ୍କୁ କଇଁଚିରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୌମ ନଗରରେ ରହୁଥିବା ଦିଗପହଣ୍ଡିର ରବିନାରାୟଣ ସେଠୀ (୩୪)।



ପୁଲିସ ସୂଚନା ଅନୁସାରେ, ବିବେକ ସନା ଓ ରବି ୟୁନିଟ୍ ୪ରେ ଥିବା ଏକ ଫୁଲ ଦୋକାନରେ କାମ କରନ୍ତି। ଗତକାଲି ରାତି ପ୍ରାୟ ୧୧ ଟା ସମୟରେ ଦୋକାନରେ କାମ ସରିଯିବା ପରେ ଉଭୟ ଅନ୍ୟ ସହକର୍ମୀଙ୍କ ସହ ମିଶି ରାତ୍ରି ଭୋଜନ କରୁଥିଲେ। ସେହି ସମୟରେ କୌଣସି ଏକ କଥାକୁ ନେଇ ରବି ଓ ବିକେକ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ରବି ଉତ୍ତେଜିତ ହୋଇ କଇଁଚିରେ ବିବେକଙ୍କ ଛାତିକୁ ଆକ୍ରମଣ କରିଥିଲା। ଫଳରେ ବିବେକଙ୍କ ଛାତିରେ କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ପାଟି ଶୁଣି ଅନ୍ୟ ସହକର୍ମୀମାନେ ଆସି ବିବେକଙ୍କୁ ଉଦ୍ଧାର କରିବା ସହ ପିସିଆରକୁ ସୂଚନା ଦେଇଥିଲେ। ପିସିଆର ଘଟଣାସ୍ଥଳରେ ପହଞ୍ଚି ବିବେକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏନେଇ ବିବେକ ଲିଖିତ ଅଭିଯୋଗ କରିବା ପରେ ଖାରବେଳ ନଗର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ରବିକୁ ଗିରଫ କରିବା ସହ ତା' ଠାରୁ କଇଞ୍ଚି ଜବତ କରିଛି।

## ଭାରତୀୟ ଜାହାଜକୁ ଆକ୍ରମଣ: ଭୁବନେଶ୍ୱରରେ ବିକ୍ଷୋଭ




ଭୁବନେଶ୍ୱର, ୨୨।୬ (ସମିସ): ମଧ୍ୟପ୍ରାଚ୍ୟରେ ସାମ୍ରାଜ୍ୟବାଦୀ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ବିଭୀଷିକା ଚଳାଇ ଅଶାନ୍ତ ଅବସ୍ଥାକୁ ନେଇଛନ୍ତି। ସେହି କାରଣରୁ ସମଗ୍ର ବିଶ୍ୱ ପେଟ୍ରୋଲିୟମ ସାମଗ୍ରୀର ସଂକଟକୁ ସମ୍ମୁଖୀନ ହୋଇଥିବା ବେଳେ ଗତ ସପ୍ତାହରେ ଭାରତୀୟ ତୈଳ ବାହି ଜାହାଜ ହର୍ମୁଜ ପ୍ରଣାଳୀ ନିକଟରେ ଥିବାବେଳେ ଆମେରିକାର ସେନାବାହିନୀ ଭାରତୀୟ ଜାହାଜ ଉପରେ ଆକ୍ରମଣ କରି ଭାରତର ୩ ଜଣ ନାବିକଙ୍କୁ ହତ୍ୟା କରିଥିବା ଘଟଣାକୁ ଓଡ଼ିଶାର ପ୍ରମୁଖ ବାମପନ୍ଥୀ ଦଳ – ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମ୍‌ଏଲ୍)-ଲିବରେସନ ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ମିଳିତ ପ୍ରତିବାଦ ବିକ୍ଷୋଭ କରିଛନ୍ତି। ଏହି ବିକ୍ଷୋଭ ସମାବେଶରେ ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ସିପିଆଇ (ଏମ) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇଏମଏଲ (ଲିବରେସନ) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ରାଜ୍ୟ ସଭାପତି ପୂର୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ହର୍ମୁଜ ଜଳପଥ ଦେଇ ଯାତାୟାତ କରୁଥିବା ଭାରତୀୟ ନାବିକମାନେ ଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଆମେରିକୀୟ ନୌସେନା ଦ୍ୱାରା କରାଯାଇଥିବା ନୃଶଂସ ଆକ୍ରମଣକୁ ଦୃଢ଼ ଭାବରେ ନିନ୍ଦା କରିଥିଲେ। ଏହାକୁ କୌଣସି ପରିସ୍ଥିତିରେ ସହ୍ୟ କରାଯାଇପାରିବ ନାହିଁ ବୋଲି ସେମାନେ ଉଦବେଗ ପ୍ରକାଶ କରିଥିଲେ। ନିହତ ନାବିକମାନଙ୍କ ପରିବାରକୁ ଯଥୋଚିତ କ୍ଷତିପୂରଣ ପ୍ରଦାନ କରାଯିବା ସୁନିଶ୍ଚିତ କରିବା ପାଇଁ ଆମେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେ।

## ମିଠା ଦୋକାନୀଙ୍କୁ ଦାଦାବଟି ମାଗି ଗିରଫ



ଏବେବି ଫେରାର ମୁଖ୍ୟ ଅଭିଯୁକ୍ତ

ଭୁବନେଶ୍ୱର, ୨୨।୬ (ସମିସ): ମିଠା ଦୋକାନୀଙ୍କୁ ଦାଦାବଟି ମାଗି ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯଦୁପୁରର ଏସକେ ନଇମ୍ (୩୧)। ଘଟଣାର ମୁଖ୍ୟ ଅଭିଯୁକ୍ତ ସମିତ୍ ଖାନ୍ ଏବେବି ଫେରାର ରହିଛି। ପୁଲିସ ସୂଚନାନୁସାରେ, ଡୁମଡୁମାର ଗଙ୍ଗୁରାମ୍ କରିଥିବା ପ୍ରଦୀପ କୁମାର ପାତ୍ର ଦୋକାନ ବନ୍ଦ କରୁଥିବା ବେଳେ ସମିତ୍ ଏକ କଳା ରଙ୍ଗର ସ୍କର୍ପିଓରେ ଆସି ପହଞ୍ଚିଥିଲା। ପ୍ରଦୀପଙ୍କୁ ପାଖକୁ ଆସି ତାଙ୍କୁ ଡାକିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଦେଇ ମିଠା ଦେବାକୁ ବାଧ କରିଥିଲା। ସମିଦ୍ ବନ୍ଧୁକ ଦେଖାଇ ମାସକୁ ୧୦ ହଜାର ଟଙ୍କା ଦାଦାବଟି ଦେବାକୁ କହିଥିଲେ। ନଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏନେଇ ପ୍ରଦୀପ ଖଣ୍ଡଗିରି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଝୁନୁ ଓରଫ୍ ସୁଲତାନ ଓ ନଇମ୍ ଖାନ ଏହି ଘଟଣାରେ ସାମିଲ ଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ଆଜି ପୁଲିସ ନଇମକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଟଙ୍କା ନ ଦେବାରୁ ମାଆକୁ ଆକ୍ରମଣ; ପୁଅ ଗିରଫ



ଭୁବନେଶ୍ୱର, ୨୨।୬ (ସମିସ): ଟଙ୍କା ନଦେବାରୁ ମାଆକୁ ଆକ୍ରମଣ କରିବା ଅଭିଯୋଗରେ ପୁଅକୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୁଣା ଭୁବନେଶ୍ୱର ଚେମେଡ଼ି ସାହିର ଦେବୀପ୍ରସାଦ ଭୋଇ ଓରଫ୍ ବାବୁ (୨୬)। ପୁଲିସ ସୂଚନାନୁସାରେ, ଶୈଳବାଳା ଭୋଇ ତାଙ୍କ ପୁଅ ବାବୁ ଓ ପରିବାର ସହ ପୁରୁଣା ଭୁବନେଶ୍ୱର ଅନ୍ତର୍ଗତ ଚେମେଡ଼ି ସାହିରେ ରହୁଛନ୍ତି। ବାବୁ ବେରୋଜଗାର ହୋଇଥିବା ବେଳେ ଦୈନନ୍ଦିନ ଖର୍ଚ୍ଚ ନିମନ୍ତେ ସେ ମାଆଙ୍କ ଉପରେ ନିର୍ଭରଶୀଳ। ନୟମିତ ଭାବେ ମଦ୍ୟପାନ କରିବା ସହ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିଥାନ୍ତି। ସୋମବାର ସକାଳେ ବାବୁ ମଦ୍ୟପାନ ଲାଗି ମାଆ ଶୈଳବାଳାଙ୍କୁ ଟଙ୍କା ମାଗିଥିଲା। ମାଆ ଟଙ୍କା ଦେବାକୁ ମନା କରିବାରୁ ବାବୁ ତାଙ୍କୁ ପ୍ରବଳ ମାଡ ମାରିଥିଲା। ତାଙ୍କ ପାଟି ଶୁଣି ବୋହୂ ଓ ପଡୋଶୀ ତାଙ୍କୁ ଉଦ୍ଧାର କରିବା ଲାଗି ଘଟଣାସ୍ଥଳକୁ ଦୌଡିଯାଇଥିଲେ। ସମସ୍ତଙ୍କୁ ଅସୁଥିବାର ଦେଖିବା ବାବୁ ଅତ୍ୟଧିକ ଉତ୍ତେଜିତ ହୋଇ ଘରୁ ଏକ ଖଣ୍ଡା ଆଣି ସମସ୍ତଙ୍କୁ ଆକ୍ରମଣ କରିବା ଲାଗି ଉଦ୍ୟମ କରିଥିଲା। ସମସ୍ତେ ଭୟଭୀତ ହୋଇ ଜୀବନ ବଞ୍ଚାଇବା ଲାଗି ଘଟଣା ସ୍ଥଳରୁ ଦୌଡି ପଳାଇଯାଇଥିଲେ। ଶୈଳବାଳା ଏନେଇ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବାବୁକୁ ଗିରଫ କରିବା ସହ ଖଣ୍ଡା ଜବତ କରିଛି। ବାବୁ ନାମରେ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଥାନାରେ ୩ଟି ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

## 'ମଇଳା ଚଦର'ର ସ୍ୱତନ୍ତ୍ର ସ୍କ୍ରିନିଂ



ଭୁବନେଶ୍ୱର, ୨୨।୬ (ସମିସ): ନବ ଆର୍ଟ ହାଉସ୍ ପକ୍ଷରୁ ଓଡ଼ିଆ ସ୍ୱାଧୀନ ଚଳଚ୍ଚିତ୍ର 'ମଇଳା ଚଦର'ର ପ୍ରଥମ ସାଧାରଣ ପ୍ରଦର୍ଶନୀ (ସ୍କ୍ରିନିଂ) ଅନୁଷ୍ଠିତ ହୋଇଯାଇଛି। ଦୁଇପିଢ଼ୀର ଏହି ନିଚ୍ଛକ କାହାଣୀକୁ ଅସ୍ମିତା ସାହୁ ରଚନା କରିଥିବା ବେଳେ ତାଙ୍କ ଝିଅ ଅଭିପ୍ସା ସାହୁ ପରଦାରେ ଜୀବନ୍ତ କରିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ଅନେକ ନୂତନ କଳାକାର ପ୍ରଥମଥର ପରଦାକୁ ଆସିଥିବା ଦେଖିବାକୁ ମିଳିଥିଲା। ଏଥିରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପୂର୍ବତନ ଅଧିକାରୀ ତଥା ଅବସରପ୍ରାପ୍ତ ଓଡ଼ିଶା ଅର୍ଥସେବା ଅଧିକାରୀ ବିରେନ୍ଦ୍ର ମୋହନ ବେବର୍ତ୍ତା ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷାବିତ୍ ତଥା ବିଶିଷ୍ଟ ଲେଖିକା ମମତା ବେବର୍ତ୍ତା ପଟ୍ଟନାୟକ, 'ରୂପାୟନ ଟ୍ରଷ୍ଟ'ର ପ୍ରତିଷ୍ଠାତା ଡ. ଶ୍ରଦ୍ଧାଞ୍ଜି ରାୟ, ସାହିତ୍ୟିକ ତଥା ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟ, ଚଳଚ୍ଚିତ୍ର ନିର୍ମାତା ତଥା ଗାୟକ ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ରର ଏକମାତ୍ର ଗୀତ ର ସ୍ୱର ସଂଯୋଜନା ଓମ୍ ପ୍ରକାଶ ମହାନ୍ତି କରିଥିବା ବେଳେ ମୁଖ୍ୟ ଅଭିନେତ୍ରୀ ବିଜୟଲକ୍ଷ୍ମୀ ପ୍ରହରାଜ, ଜୟନ୍ତୀ ମହାରଣା, ଅରବିନ୍ଦ ନାୟକ, କାଶୀନାଥ ସାହୁ, ଶିଶୁ କଳାକାର ସମ୍ପ୍ରଦା ରାଉତ, ସାଇଲି ମହାନ୍ତି ପ୍ରମୁଖଙ୍କ ସମେତ ସମସ୍ତ କଳାକାର ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଚଳଚ୍ଚିତ୍ରର ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଅନୁସାରେ, 'ମଇଳା ଚଦର' ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଗୁଡ଼ିକରେ ବେଶ୍ ସଫଳତା ହାସଲ କରିଛି। ୱିଡିସ୍ ଇଣ୍ଟାନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ, ସିସିଲିର ମାଡୋନି ଫିଲ୍ମ ଫେଷ୍ଟିଭାଲ, ବର୍ଲିନ୍ ଇଣ୍ଡି ଫିଲ୍ମ ଫେଷ୍ଟିଭାଲ, ଲଣ୍ଡନ ଇଣ୍ଟରନ୍ୟାସନାଲ ଫିଲ୍ମମେକର ଫେଷ୍ଟିଭାଲ ଏବଂ ପ୍ରତିଷ୍ଠିତ ଦାଦାସାହେବ ଫାଲକେ ଫିଲ୍ମ ଫେଷ୍ଟିଭାଲ ଭଳି ଅନ୍ତର୍ଜାତୀୟ ମଞ୍ଚରେ ପୁରସ୍କୃତ ହୋଇଛି।

# କିଆ ଅତର ବ୍ୟବସାୟୀଙ୍କ ଠାରୁ ୧.୭୧ କୋଟି ଠକେଇ

ଭୁବନେଶ୍ୱର/ଛତ୍ରପୁର, ୨୨।୬ (ସମିସ)



ନକଲି ଅତର ଦେଇ ଠକିଦେଲେ

ଲକ୍ଷ କି ଦୁଇ ଲକ୍ଷ ନୁହେଁ ପ୍ରାୟ ଦୁଇ କୋଟି ଟଙ୍କାର ନକଲି କିଆ ଅତର ଠକେଇ ହୋଇଛି। ଏହି ଠକେଇର ଶିକାର ହୋଇଛନ୍ତି ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅଧୀନ ବଡ଼ପୁଟି ଗ୍ରାମର ଜି.ସୁନିଲ। ଅସଲି ଅତର ନେଇ ନକଲି ଅତର ଦେଇଥିଲେ। ପରେ ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଚଳିତ ମାସ ୯ ତାରିଖରେ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ। ଘଟଣାଟି ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳରେ ଘଟିଥିବାରୁ ଚମାଖଣ୍ଡି ପୁଲିସ ଜିରୋ ଏତାଲା କରି ସେଠାକୁ ପଠାଇଥିଲେ। ପରେ ବ୍ୟବସାୟୀ ଜଣକ ବରଗଡ଼ ଥାନାକୁ ଯାଇ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏବେ ତଦନ୍ତ ଜାରି ରହିଛି।

ଖବର ନେବାରୁ ଜଣାପଡ଼ିଛି ଯେ, ଚମାଖଣ୍ଡି ଥାନା ବଡ଼ପୁଟି ଗ୍ରାମର ଜି.କର୍ଲେୟାଙ୍କ ପୁଅ ଜି.ସୁନିଲଙ୍କ ଏକ କିଆଫୁଲ ଅତର ଭାଟି ରହିଛି। ବିଭିନ୍ନ ଅଞ୍ଚଳରୁ କିଆ ଫୁଲ ଚାଷୀମାନେ ତାଙ୍କୁ ଫୁଲ ଦେଇଥାନ୍ତି ଏବଂ ସେ ଏହି ଫୁଲର ଅତର ବାହାର କରିଥାନ୍ତି। ୨୦୨୫/୨୬ ବର୍ଷରେ ସୁନିଲ ୨୪ କେଜି ୫ଶହ ଗ୍ରାମ ଅତର ବାହାର କରିଥିଲେ। ଯାହାର ବଜାରର ମୂଲ୍ୟ ୧ କୋଟି ୭୧ ଲକ୍ଷ ୫୦ ହଜାର ଟଙ୍କା ହେବ। ସେ ରଖିଥିବା ଅତରକୁ କିଣିବା ପାଇଁ ଆଲୋକ ଅବସ୍ଥି ବୋଲି ଜଣେ ବ୍ୟବସାୟୀ ଗ୍ରାମକୁ ଆସିଥିଲେ। ସମସ୍ତ ମାଲ ଓଜନ କରିବା ପରେ ସିଲ କରିଥିଲା। ତାର ତିନି ଦିନ ପରେ ଅନ୍ୟ ଜଣେ ବ୍ୟକ୍ତି ନିଜକୁ ଅତର ବ୍ୟବସାୟୀ କହି ଫୋନ କରିଥିଲା। ଅତରର ଟେଷ୍ଟ ରିପୋର୍ଟ ପଠାଇବାକୁ କହିଲା ଏବଂ ସୁନିଲ ରାଜି ହୋଇ ପଠାଇଥିଲା। ପରେ ୧୮ ମେ ରାଜଧାନୀର କଟକ-ପୁରୀ ରୋଡ ସାଇ ମନ୍ଦିର ଛକ ବଡ଼ଗଡ଼ ନିକଟସ୍ଥ ଏକ ହୋଟେଲକୁ ମାଲ ନେଇ ଆସିବାକୁ କହିଥିଲା। ଦୁଇ ଜଣ ବ୍ୟକ୍ତିଙ୍କ ସହ ସେଠାରେ ପହଞ୍ଚିଥିଲେ ସୁନିଲ। ସେଠାରେ ଥିବା ବ୍ୟକ୍ତି ଜଣକ ଏକ ଆଲମିରାରୁ ୧୦ କେଜି କେନ ୨ଟି ଓ ୫ କେଜି କେନ ଗୋଟେ ଆଣି ମୁଁ ନେଇଥିବା ଅତରକୁ ଢାଳିବା ପାଇଁ କହିଥିଲା। ଉକ୍ତ ରୁମରେ ଉକ୍ତ ବ୍ୟକ୍ତି ସହ ଅନ୍ୟ ୪ଜଣ ମଧ୍ୟ ଉପସ୍ଥିତ ଥିଲେ। ପରେ ତାର ଲୋକ ଜରିଆରେ ଗୋଟେ କୋଣକୁ ନେଇ ଅତର ସିଲ କରିଥିଲା। ପରେ ସେ ତୁମ ଅତର ନେଇଯାଅ ମୁଁ କିଛି ଦିନ ମଧ୍ୟରେ ପୁଣି ଡାକିବି ଏବଂ କିଣିବି କହିଥିଲା। ପରେ ସିଲ ଥିବା ତିନୋଟି କେନକୁ ଧରି ଗ୍ରାମକୁ ଫେରିଥିଲି। ଘଟଣା ଘଟିବାର ଦୁଇ ଦିନ ପରେ ପ୍ରଥମ ବ୍ୟବସାୟୀ ଆଲୋକ ଆସି ଅତର ଦେବାପାଇଁ କହିଲା।

ସିଲ ଥିବା ଅତରକୁ ଆଲୋକ ସିଲ କାଟି ଟେଷ୍ଟ କରିବା ପରେ ତାହା ଅତର ନୁହେଁ ଖାଲି କେମିକାଲ ଥିବା ଜଣାପଡ଼ିଥିଲା। ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ଏହି ଘଟଣାଟି ସତ୍ୟତାକୁ ନେଇ ଉଠିଛି ପ୍ରଶ୍ନ।





# ଭୁବନେଶ୍ୱର ସିଟି

## ଗଙ୍ଗପଡ଼ାରେ ଉତ୍କଟ ଜଳ ସମସ୍ୟା

# ପିଲରରେ ଅଟକିଛି ମେଗା ପ୍ରକଳ୍ପ

ଯାଁଳା, ୨୨ ।୬ସମିସ)



ଚଳିତ ବର୍ଷ ଫେବୃଆରୀ ମାସରୁ ଖରାର ପ୍ରକୋପ ବଢ଼ିବାରେ ଲାଗିଛି । ଭୁବନେଶ୍ୱର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହରରେ ପରିଣତ ହୋଇଛି । ତାପମାତ୍ରା ବଢ଼ିବା ସହ ସବୁ ଅଞ୍ଚଳରେ ଜଳ କଷ୍ଟ ଦେଖାଦେଲାଣି । ବିଶେଷ କରି ଉପକଣ୍ଠ ଅଞ୍ଚଳରେ କେଉଁଠି କୂଅ ଶୁଖିଗଲାଣି ତ କେଉଁଠି ନଳକୂପ କାମ କରୁନି ।ଆଉ କୋଉଠି ବସୁଧା ଯୋଜନାରୁ ପାଣି ମିଳୁନି । ମୌସୁମୀର ଲୁଚକାଳି ଖେଳ ଯୋଗୁଁ ବର୍ଷାକୁ ଚାତକ ଭଳି ଚାହିଁ ରହିଛନ୍ତି ଲୋକ ।ଏଭଳି ଜଳ ସମସ୍ୟା ଦେଖାଦେଇଛି ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତରେ । ବସୁଧା ପାଇପ୍ ଜଳ ପ୍ରକଳ୍ପରୁ ପିଇବା ପାଣି ମିଳୁନାହିଁ । ଫଳରେ ମଝିସାହି, ଓ ଗଡ଼ସାହି ଲୋକ ପିଇବା ପାଣି ପାଇ ପାରୁ ନାହାନ୍ତି ।ଏହା ସହ ପଞ୍ଚାୟତର ସବୁ ସାହିକୁ ପାଳିରେ ପାଣି ଯୋଗାଇବାକୁ ପଡୁଛି ।ଦିର୍ଘ ବର୍ଷ ଧରି ଏହି ସମସ୍ୟା ଲାଗିରହିଥିଲେ ମଧ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ସମସ୍ୟାର ସମାଧାନ ପାଇଁ ତତ୍ପରତା ପ୍ରକାଶ କରୁନଥିବା ଅଭିଯୋଗ ହେଉଛି ।ବସୁଧା ଯୋଜନାରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ଡିଣ୍ଡିବ ପିଟୁଥିବା ବେଳେ ଗ୍ରାମ ଗୁଡିକରେ ଏହି ଯୋଜନା କେତେ ସଫଳ ରୂପାୟନ ହୋଇଛି କି ନାହିଁ ତାହା ତଦାରଖ କରିବାକୁ କେହି ନାହାଁ।ଖାଲି ସେତିକି ନୁହେଁ ମେଗା ପ୍ରକଳ୍ପ ମଧ ଅଧାପନ୍ତରିଆ ଭାବେ ପଡ଼ିରହିଛି । ପାଣି ଟଙ୍କି ପାଇ ପିଲର ହୋଇଛି, ଗ୍ରାମରେ ପାଇପ ବିଛାଇ ଠିକାଦାର ଛୁ ମାରିଛି । ତେଣୁ ପାଣି ପାଇଁ ଲୋକ ହା ହା କାର ହୋଉଥିବା ଦେଖିବାକୁ ମିଳିଛି । ଗତ ୨୦୦୭/୦୮ ମସିହାରେ ଗଙ୍ଗପଡ଼ା ପଞ୍ଚାୟତରେ ବସୁଧା ଯୋଜନାରେ ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା । ମାତ୍ର ପରିତାପର ବିଷୟ ମଝିସାହି ଓ ଗଡ଼ସାହିର ବାସିନ୍ଦା ପ୍ରାୟ ୩/୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭଲରେ ପିଇବା ପାଣି ପାଇଲେ ନାହିଁ ।ଗଡ଼ସାହି ଓ ମଝିସାହିରେ ପ୍ରାୟ ୩୦୦ ପରିବାର ମଧ୍ୟରୁ ପ୍ରାୟ ୧୫୦ ପରିବାର ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଏହି ଦୁଇ ସାହିରେ ପାଇପ୍ ବିଛା ଯାଇଛି । ଗାଁ ଭିତରେ ପାଣି ଟ୍ୟାପ୍ ମଧ ଦିଆଯାଇଛି କିନ୍ତୁ ଲୋକଙ୍କୁ ପାଣି ମିଳୁନାହିଁ । ଏନେଇ ଗ୍ରାମବାସୀ ବହୁ ଥର ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେବଳ ପ୍ରତିଶ୍ରୁତିରେ ରହିଯାଇଛି । ନିକଟରେ କୂଅ ଥିଲେ ବି ତାହା ଶୁଖିଯାଉଛି । ନଳକୂପ ଗୁଡ଼ିକ ଠିକ୍ କାମ କରୁନାହିଁ । ତେଣୁ ମହିଳା ଓ ପିଲାମାନେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଜଳକଷ୍ଟ ଦୂର କରିବା ପାଇଁ ତତ୍କାଳିନ ସରକାର ମେଗା ପ୍ରକଳ୍ପ ଯୋଜନା କରିଥିଲେ । ଏହି ପ୍ରକଳ୍ପରେ ଏକ ଓଭରହେଡ ଟ୍ୟାଙ୍କ କରାଯିବ ଓ ସହଜରେ ସବୁ ଲୋକ ପାଣି ପାଇ ପାରିବେ । କିନ୍ତୁ ୨୦୨୪ ସରକାର ବଦଳିବା ପରେ ମେଗା ପ୍ରକଳ୍ପ କାମ ଧିମେଇ ଯାଇଛି ।

ଗତ ୫/୬ ବର୍ଷ ତଳୁ ମେଗା ପ୍ରକଳ୍ପରେ କାମ ଆରମ୍ଭ ହୋଇଥିଲେ ମଧ ତାହା ସରିନାହିଁ । ଓଭରହେଡ ପାଣି ଟାଙ୍କି ପାଇଁ ଜଗା ଚିହ୍ନଟ ହୋଇ ଟଙ୍କି କାମ ଆରମ୍ଭ ହୋଇଥିଲା । କିନ୍ତୁ କେବଳ ପିଲର ଉଠାଇବା ପରେ କାମ ବନ୍ଦ କରିଦିଆଗଲା ।ଗତ ଦେଢ ବର୍ଷ ତଳେ ଗାଁ ଭିତରେ କଂକ୍ରିଟ ରାସ୍ତା ଖୋଳି ପାଇପ ବିଛାଗଲା ।ଗାତ ଗୁଡିକ ମାଟି ପୋତିଦେଇ ଠିକାଦାର ଛୁ ମାରିଛନ୍ତି । ଫଳରେ ଗାଁ ଭିତର ରାସ୍ତା ଗୁଡିକ ବର୍ଷା ହେବା ପରେ ଖାଲ ଢିପ ହୋଇ ପଡ଼ି ରହିଛି । ଲୋକମାନେ ଯାତାୟତ କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ଅବସ୍ଥା ଭୋଗୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

## ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସ

ଭୁବନେଶ୍ୱର, ୨୨।୬(ସମିସ): ଧ୍ରୁପଦ ମ୍ୟୁଜିକ ଫାଉଣ୍ଡେସନ ଆୟୋଜିତ ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସ ନବମ ସଂସ୍କରଣ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶ୍ୟାମାମଣି ପଟ୍ଟନାୟକ, ଡ. ଧନଦାକାନ୍ତ ମିଶ୍ର ଏବଂ ଖିରୋଦ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଧ୍ରୁବପଦ ମ୍ୟୁଜିକି ଅନୁଷ୍ଠାନର ଶିଷ୍ୟମାନଙ୍କ ଦ୍ୱାରାବୃନ୍ଦଧୃପଦଗାୟନପରିବେଷଣକରିଥିଲେ ।ଓଡ଼ିଶାରଏକମାତ୍ରଧ୍ରୁପଦଶିଳ୍ପୀମୁକୁନ୍ଦଦେବ ସାହୁଙ୍କ ଦ୍ୱାରା ପ୍ରସ୍ତୁତ 'ଧ୍ରୁପଦ ନାଦ ବ୍ରହ୍ମ ଯୋଗ' ପରିବେଷଣ କରିଥିଲେ । ଏହି ଅବସରରେ ପଣ୍ଡିତ ଅରୁଣ କଶଲକର ଦେବଙ୍କୁ 'ଓଡ଼ିଶା ଧ୍ରୁବପଦ ରତ୍ନ ଜ୍ୟୋତି ସମ୍ମାନ', ଅଭିନବ କୁମାର, ଚିନ୍ତନ ପ୍ରଜାପତିଙ୍କୁ 'ଦେବବାଣୀ ଧ୍ରୁପ ଆରାଧନା ସମ୍ମାନ' ପ୍ରଦାନ କରାଯାଇଥିଲା ।

## ୟୁନିୟନ୍ ବ୍ୟାଙ୍କ ପକ୍ଷରୁ ଯୋଗ ଦିବସ




କଟକ, ୨୨।୬(ସମିସ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ଏବଂ ଭାରତୀୟ ଯୋଗ ସଂସ୍ଥାନର ମିଳିତ ସହଯୋଗରେ କଟକ ସିଡିଏ-୬ସ୍ଥିତ ଜୟ ପ୍ରକାଶ ନାରାୟଣ ପାର୍କଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ଜଷ୍ଟିସ୍ ବିମଳ ପ୍ରସାଦ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଏଥିରେ ଭାରତୀୟ ଯୋଗ ସଂସ୍ଥାନର ଜିଲ୍ଲା ପ୍ରମୁଖ କେଦାରନାଥ ଜଲି ଏବଂ ଶୈଳଜା ନନ୍ଦିନୀ ଜେନା ଉପସ୍ଥିତ ଥିଲେ । ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ-କ୍ଷେତ୍ରୀୟ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ଦାସ ଉପସ୍ଥିତ ଥିଲେ ।

## ଯୋଗ କଲେ ଲେପ୍ରୋସି କଲୋନୀ ମହିଳା

ଭୁବନେଶ୍ୱର, ୨୨।୬(ସମିସ):ଭୁବନେଶ୍ୱର ଉପକଣ୍ଠ ଯାଁଳା ସ୍ଥିତ ଗାନ୍ଧୀ ଶାନ୍ତି ନିବାସ ଲେପ୍ରୋସି କଲୋନୀ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ସାମାଜିକ ସଂଗଠନ ମାଇଣ୍ଡ ଏମ୍ପାୱାରମେଣ୍ଟ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଯୋଗ ଶିବିରରେ ଯୋଗଗୁରୁ ପ୍ରଫୁଲ୍ଲ କୁମାର ବେହେରା ଯୋଗଦେଇ ମହିଳାମାନଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଜୀବନର ପ୍ରଥମ ଯୋଗ ଶିବିରରେ ଭାଗ ନେଇ କଲୋନୀର ମହିଳାମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ଏହି ଅବସରରେ ଟ୍ରଷ୍ଟର ପ୍ରତିଷ୍ଠାତା ଏମ୍.କେ ପ୍ରଧାନ ଯୋଗଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସଙ୍ଗୀତ ଦିବସ

ଭୁବନେଶ୍ୱର, ୨୨।୬(ସମିସ): ସଙ୍ଗୀତ ଦିବସ ଅବସରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ତରଫରୁ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏଥିରେ ଓଡିଶୀ ସଙ୍ଗୀତର ଗୁରୁ ସୁକାନ୍ତ କୁଣ୍ଡୁ ମୁଖ୍ୟ ଅତିଥି ଭାବରେ ଓ ବିଭୁତିଭୁଷଣ ବଳବନ୍ତରାୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ନିମାକାନ୍ତ ରାଉତରାୟ, ଗୁରୁ ଚନ୍ଦନ ଜେନା, ଗୁରୁ ପ୍ରଶାନ୍ତ ପାଢ଼ୀ, ଗୁରୁ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଗୁରୁ ଚନ୍ଦନ କୁମାର ଜେନା, ଗୁରୁ ଡ଼ ନିମାକାନ୍ତ ରାଉତରାୟ, ଭାରତୀ ଜେନା ଓ ପ୍ରଦୀପ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ ।

## ଆର୍ଥିକ ଦୁର୍ବଳ ମହିଳାଙ୍କ ପାଇଁ ମାଗଣା ବ୍ୟୁଟିସିଆନ୍ କୋର୍ସ

ଭୁବନେଶ୍ୱର, ୨୨।୬(ସମିସ): ମହିଳା ସଶକ୍ତୀକରଣ ଓ ଦକ୍ଷତା ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରର ଲୋପା ମେକ୍‌ଅପ୍ ଷ୍ଟୁଡିଓ ଓ ଏକାଡେମୀ ସହରର ଆର୍ଥିକ ଭାବେ ଅସହାୟ ଓ ଗରିବ ଯୁବତୀ ଓ ମହିଳାଙ୍କ ପାଇଁ ବିଶେଷ ଭାବେ ବସ୍ତି ଅଞ୍ଚଳର ମହିଳାଙ୍କ ପାଇଁ ମାଗଣା ବ୍ୟୁଟିସିଆନ୍ କୋର୍ସ ଘୋଷଣା କରିଛି । ବରମୁଣ୍ଡାସ୍ଥିତ ଏହି ଏକାଡେମୀ ପ୍ରଶିକ୍ଷାର୍ଥୀଙ୍କୁ ବୃତ୍ତିଗତ ସୌନ୍ଦର୍ଯ୍ୟ ବିଦ୍ୟା ଶିଖାଇ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ଓ ସ୍ୱାଧୀନ କରିବାର ଲକ୍ଷ୍ୟ ରଖିଛି । ଏହି କୋର୍ସରେ ବ୍ୟୁଟିସିଆନ୍‌ର ଆବଶ୍ୟକୀୟ ସମସ୍ତ ବିଷୟ ଶିଖାଯିବ, ଯାହା ପରେ ପ୍ରଶିକ୍ଷାର୍ଥୀମାନେ ସୌନ୍ଦର୍ଯ୍ୟ ପାର୍ଲର୍, ଫ୍ରିଲାନ୍ସ ସେବା, ମେକ୍‌ଅପ୍ କିମ୍ବା ନିଜର ଛୋଟ ଉଦ୍ୟୋଗ ଆରମ୍ଭ କରିପାରିବେ । ଭୁବନେଶ୍ୱରର ଗରିବ ଓ ଅସହାୟ ଝିଅ ଓ ମହିଳାମାନେ, ବିଶେଷ କରି ବସ୍ତି ଅଞ୍ଚଳରୁ ଆସିଥିବା ମହିଳାମାନେ ଆବେଦନ କରିପାରିବେ । ଆଗ୍ରହୀ ପ୍ରାର୍ଥୀମାନେ ସିଧାସଳଖ ଲୋପା ଷ୍ଟୁଡିଓ ଓ ଏକାଡେମୀ ସହ ହ୍ୱାଟ୍ସଆପ କିମ୍ବା ଇମେଲ- ଜରିଆରେ ଯୋଗାଯୋଗ କରିପାରିବେ ବୋଲି ଏକାଡେମୀ ମୁଖ୍ୟ ଲୋପାମୁଦ୍ରା ସ୍ୱାଇଁ ପ୍ରକାଶ କରିଛନ୍ତି । ତାଲିମ୍ ସମ୍ପୂର୍ଣ୍ଣ ଦେୟମୁକ୍ତ ଏବଂ ଆର୍ଥିକ ଆବଶ୍ୟକତା ଓ ଶିଖିବାର ଉତ୍ସାହ ଉପରେ ଆଧାରରେ ପ୍ରଶିକ୍ଷଣାର୍ଥୀ ଚୟନ କରାଯିବ ।

## ଯୋଗ ପାଇଁ ଭିଏସ୍‌ଏସ୍ ନଗରରେ ଗଣଧାରଣା



ଭୁବନେଶ୍ୱର, ୨୨।୬(ସମିସ): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭିଏସ୍‌ଏସ୍ ନଗର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସମ୍ମୁଖରେ ଭିଏସ୍‌ଏସ୍ ନଗରବାସୀ ଧାରଣା ଦେଇଥିଲେ । ସ୍ଥାନୀୟ ଡାକ୍ତରଖାନାରେ ୨୦୨୨ ମସିହାରୁ ଆରମ୍ଭ ହୋଇଥିବା ଯୋଗ ଶିବିରକୁ ଗତ ଜାନୁଆରୀ ୧୧ ତାରିଖ ଦିନ ଠାରୁ ବନ୍ଦ କରି ଦିଆଯାଇଛି । କେବଳ ଯୋଗ ନୁହେଁ ବରଂ ଡାକ୍ତରଖାନାରୁ ଲାବରେଟୋରୀ ଓ ଡଫିଜିଓଥେରାପିକୁ ନିୟମିତ ବଦଳରେ ମାସକୁ ମାତ୍ର ୧୦ଟି ସେସନ୍ ଚାଲିଛି । ଏହାର ପ୍ରତିବାଦରେ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ପକ୍ଷରୁ ଦିଆଯାଇଥିବା ଏହି ଧାରଣାରେ ଉନ୍ନୟନ ପରିଷଦର ଉପସଭାପତି ଡ. ଜୟନ୍ତ କୁମାର ପରିଡ଼ା ସଭାପତିତ୍ୱ କରିଥିବା ବେଳେ ପରିଚାଳନା କରିଥିଲେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା । ଏଥିରେ କର୍ପୋରେଟର ପ୍ରଭାସିନୀ ମହାନ୍ତି, ଉନ୍ନୟନ ପରିଷଦର କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମସମ୍ପାଦକ ଚିନ୍ତାମଣି ବାରିକ୍, ନିମାଇଁ ଚରଣ ଦାସଙ୍କ ସହିତ ଶତାଧିକ ନଗରବାସୀ ଗଣଧାରଣାରେ ସାମିଲ ହୋଇଥିଲେ । ଶେଷରେ ଡାକ୍ତର ଲକ୍ଷ୍ମଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

**ଫରୱାର୍ଡ଼ ବ୍ଲକର ପ୍ରତିଷ୍ଠା ଦିବସ**

## ସରକାରୀ ଉଦାସୀନତାକୁ ନିନ୍ଦା

ଭୁବନେଶ୍ୱର, ୨୨।୬(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ୮୭ତମ ପ୍ରତିଷ୍ଠା ଦିବସ ୟୁନିଟ୍-୬ସ୍ଥିତ ନେତାଜୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଫରୱାର୍ଡ଼ ବ୍ଲକର ଜାତୀୟ ସମ୍ପାଦକ ଜୀ.ଆର. ଶିବଶଙ୍କର ପାର୍ଟିର ସଂଗ୍ରାମୀ ପତାକାକୁ ଉତ୍ତୋଳନ କରିଥିଲେ । ବ୍ଲକର ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଶିବଶଙ୍କର ବ୍ଲକର ୮୭ବର୍ଷର ସଂଗ୍ରାମୀ ଇତିହାସ ସମ୍ପର୍କରେ ଆଲୋକପାତ କରିବା ସହ ସରକାରୀ ଦଳର ଦାୟିତ୍ୱହୀନତା ଫଳରେ ସାଧାରଣ ମଣିଷଙ୍କ ଜୀବନ ଯାତ୍ରା ପ୍ରଭାବିତ ହୋଇଛି ବୋଲି ମତବ୍ୟକ୍ତ କରିଛନ୍ତି । କେନ୍ଦ୍ରରେ ବିଜେପି ସରକାର ଆସିବା ପରଠାରୁ ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକୁ ଶାଗମାଛ ଦରରେ ବିକ୍ରି କରାଯାଉଛି । ଭାରତବର୍ଷରେ ବୈଦେଶିକ ନୀତିକୁ ଭୁଲି ମୋଦି ସରକାର ଆମେରିକାର ଗୋଡ଼ାଣିଆ ସାଜିଥିବା ଭଳି ମନେ ହେଉଛି ବୋଲି ମତ ପ୍ରକାଶ ପାଇଛି । ଏଭଳିସ୍ଥଳେ ସୁଭାଷବାଦୀ ବିଚାରଧାରାରେ ବେସାଲିସ୍ ସଂଗ୍ରାମ ହିଁ ଜନଗଣଙ୍କୁ ଯନ୍ତ୍ରଣାରୁ ମୁକ୍ତି ଦେଇପାରିବ ବୋଲି ଶ୍ରୀ ଶିବଶଙ୍କର ମତବ୍ୟକ୍ତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଅଗ୍ରଗାମୀ ମହିଳା ସମିତିର ରାଜ୍ୟ ସମ୍ପାଦିକା ଲକ୍ଷ୍ମୀ ଦୋରା, ଫରୱାର୍ଡ଼ ବ୍ଲକର ନେତା ଧନ ଗିଉରିଆ, ରଜନୀଗନ୍ଧା ବାରିକ, ଛାତ୍ରୀନେତ୍ରୀ ରିଙ୍କି ସାହୁ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଜନ୍ମଭୂମି ଓଡ଼ିଶାରେ ନେତାଜୀଙ୍କ ପ୍ରତି ବାରମ୍ବାର ଅସମ୍ମାନ କରାଯାଉଥିବା ଅଭିଯୋଗ କରିଥିଲେ । ଭୁବନେଶ୍ୱର କୋର୍ଟ ସମ୍ମୁଖରେ ଥିବା ନେତାଜୀଙ୍କର ବହୁ ପୁରାତନ ପ୍ରତିମୂର୍ତ୍ତିକୁ ସରକାର ଭାଙ୍ଗି ଅଳିଆ ଗଦାରେ ପକେଇ ଦେଲା ଭଳି ଅବସ୍ଥା ସୃଷ୍ଟି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବକ୍ତାମାନେ କହିବା ସହ ସୁଭାଷବାଦୀ ସଂଗ୍ରାମକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ ।




## ବିଜେଡି ପକ୍ଷରୁ ବିନୋଦ କାନୁନଗୋଙ୍କ ପୁଣ୍ୟତିଥି




ଭୁବନେଶ୍ୱର, ୨୨।୬(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଅଭିଲେଖାଗାରଠାରେ ଅବସ୍ଥିତ ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଜ୍ଞାନ ମଣ୍ଡଳର ପ୍ରତିଷ୍ଠାତା ବିନୋଦ କାନୁନଗୋଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି । ଶ୍ରାଦ୍ଧୋତ୍ସବକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି । ଶିକ୍ଷାବିତ୍ କାମଦେବ ମହାପାତ୍ର କାନୁନଗୋଙ୍କ ଜୀବନୀ ଉପରେ ଆଧାରିତ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଚୈତନ୍ୟ ତ୍ରିପାଠୀ, ବିଜୟ କୁମାର ସାହୁ, ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପାତାଳ ସିଂ, ସଂଯୁକ୍ତା ପାଣିଗ୍ରାହୀ, ଅମିତ୍ ପାତାଳ ସିଂ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର ଉପସ୍ଥିତ ଥିଲେ ।

## ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର, ୨୨।୬(ସମିସ):ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି, ସହିଦ ନଗର ଦୁର୍ଗା ପୂଜା ସମିତିର ସହଯୋଗରେ ସହିଦନଗରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ମାନବଜୀବନ ରକ୍ଷାରେ ସହଯୋଗ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ରୋଟାରୀ ଇଣ୍ଟରନ୍ୟାସନାଲ୍ ଡିଷ୍ଟ୍ରିକ୍ଟ ୩୨୬୨ର ଜିଲ୍ଲା ଗଭର୍ନର ରୋଟେରିଆନ୍ ମନୋଜ କୁମାର ତ୍ରିପାଠୀ, ଅରୂପ ମୋହନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । କ୍ୟାମ୍ପ କୋଅର୍ଡିନେଟର୍ ଡ. ସତ୍ୟଜିତ ଦାଶଙ୍କ ପରିଚାଳନାରେ ଶିବିରରୁ ମୋଟ୍ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଶେଷରେ ରୋଟେରିଆନ୍ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି ସଭାପତି ସୁଜିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମରେ ରୋଟେରିଆନ୍ ପ୍ରିତିରାଜ ଶତପଥୀ, ବାସୁଦେବ ଭଞ୍ଜ, ପୁଣ୍ୟଶ୍ଳୋକ ମହାନ୍ତି, ନକୁଳ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ସୁବର୍ଣ୍ଣିମା'



ଭୁବନେଶ୍ୱର, ୨୨।୬(ସମିସ): ଓଡ଼ିଶା ଡ୍ୟାନ୍ସ ଏକାଡେମୀ (ଓଡିଏ) ପକ୍ଷରୁ ଏହାର ସୁବର୍ଣ୍ଣ ଜୟନ୍ତୀ ତଥା ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ତିନିଦିନିଆ ସାଂସ୍କୃତିକ ଉତ୍ସବ 'ସୁବର୍ଣ୍ଣିମା' ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି । ଉତ୍ସବର ଉଦ୍‌ଘାଟନ ଅବସରରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. (ପ୍ରଫେସର) ପ୍ରିୟମ୍ବଦା ମହାନ୍ତି ହେଜମାଦି, ଓଡ଼ିଶୀ ନୃତ୍ୟାଙ୍ଗନା କୁମକୁମ ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ ମାଧବୀ ମୁଦଗଲ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗାଚରଣ ରଣବୀର, ଓଡ଼ିଶା ନୃତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ ଡ. ଅରୁଣା ମହାନ୍ତି ଉତ୍ସବର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଗୁରୁ ଦେବ ପ୍ରସାଦ ଦାସ, ଗୁରୁ କେଳୁଚରଣ ମହାପାତ୍ର, ଗୁରୁ ପଙ୍କଜ ଚରଣ ଦାସ ଏବଂ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସମ୍ମାନାର୍ଥେ ବିଶେଷ ନୃତ୍ୟ ପରିବେଷଣ କରାଯାଇଥିଲା । ପରେ ପରେ ନୃତ୍ୟାୟନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ମଙ୍ଗଳାଚରଣ (ହରି ହର), ଯାହାକୁ ସ୍ୱର୍ଗତ ଗୁରୁ ଦେବ ପ୍ରସାଦ ଦାସ ନୃତ୍ୟରୂପ ଦେଇଥିଲେ । ରାଗ ବୈରାଗୀ ଓ ତାଳ ଏକତାଳୀରେ ନିବଦ୍ଧ ଏହି ପ୍ରସ୍ତୁତିରେ ଭଗବାନ ଶିବ ଏବଂ ଭଗବାନ ବିଷ୍ଣୁଙ୍କର ସମନ୍ୱିତ ରୂପ ହରିହରଙ୍କୁ ଆହ୍ୱାନ କରାଯାଇଥିଲା । ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

**ଆମ ରାଜଧାନୀ ଆମ ଐତିହ୍ୟ**

## ପଞ୍ଚରଥ ଶୈଳୀରେ ଗଙ୍ଗେଶ୍ୱର-ଯମୁନେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୨।୬(ସମିସ): ଆମ ରାଜ୍ୟ ଓଡ଼ିଶା ତା'ର ଐତିହ୍ୟସ୍ଥଳୀ ପାଇଁ ସବୁଠି ପରିଚିତି ଲାଭ କରିଛି । ପୁରାତନ ମନ୍ଦିରର ଗନ୍ତାଘର ବୋଲି ଓଡ଼ିଶାକୁ କହିଲେ କିଛି ଭୁଲ ମଧ ହେବନାହିଁ । ଏଠାରେ ବିଭିନ୍ନ ଶତାବ୍ଦୀ ପୁରୁଣା କୀର୍ତ୍ତିରାଜୀ ଗଚ୍ଛିତ ହୋଇରହିଛି । ସେ ସମୟର କାରିଗରଙ୍କ ଆକର୍ଷଣୀୟ ଓ ଦୀର୍ଘସ୍ଥାୟୀ କାରିଗରୀ ଆଜିବି ପ୍ରତୀକ ସାଜି ଠିଆହୋଇ ରହିଛି । ସେହିପରି ରାଜଧାନୀରେ ସବୁଠୁ ଅଧିକ ଐତିହ୍ୟ ମନ୍ଦିରଗୁଡ଼ିକୁ ମଧ୍ୟରୁ ତ୍ରୟୋଦଶ ଶତାବ୍ଦୀର ଗଙ୍ଗେଶ୍ୱର-ଯମୁନେଶ୍ୱର ମନ୍ଦିର ଅନ୍ୟତମ ।

ମନ୍ଦିରଟି ଲିଙ୍ଗରାଜ ମନ୍ଦିର ପଛପଟ ପାର୍କକୁ ଗଲାବେଳେ ରାସ୍ତାର ବାମ ପାର୍ଶ୍ୱରେ ଦେଖିବାକୁ ମିଳେ । ଏହି ଗଙ୍ଗେଶ୍ୱର-ଯମୁନେଶ୍ୱର ମନ୍ଦିର ପଛରେ ରହିଛି କିଛି ଲୋକକଥା । ସେହି ବିଶ୍ୱାସ ଅନୁଯାୟୀ କୁହାଯାଏ, ପାର୍ବତୀ କୀର୍ତ୍ତି ଓ ବାସଙ୍କୁ ବଧ କରିବାରେ ତୃଷାର୍ତ୍ତ ଅନୁଭବ କରିଥିଲେ । ଦେବୀ ତୃଷ୍ଣା ନିବାରଣ ପାଇଁ ଭଗବାନ ଶିବ ଭୂମି ଉପରକୁ ତ୍ରିଶୂଳ ନିକ୍ଷେପକରି ଏକ ଜଳ ଉତ୍ସ ସୃଷ୍ଟି କରିଥିଲେ । ଏହି ଜଳକୁ ପବିତ୍ର ଘୋଷଣା କରିବା ପାଇଁ ମା ଗଙ୍ଗା ଓ ମା ଯମୁନାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମନ୍ଦିରକୁ ପ୍ରବେଶ କଲେ ଏକ ବଡ଼ ପିଣ୍ଡି ରହିଛି । ପିଣ୍ଡିର ବାମ ପଟକୁ ମନ୍ଦିର ରହିଛି ଯେଉଁଠି ଶିବଙ୍କୁ ପୂଜା କରାଯାଇଥାଏ । ତାକୁ ଲାଗି ରହିଛି ଗଙ୍ଗା-ଯମୁନା କୁଣ୍ଡ । ଯେଉଁଥିରେ ବିଭିନ୍ନ ପ୍ରକାରର କଳା ଏବଂ ଧଳା ମାଛ ମଧ ଦେଖିବାକୁ ମିଳୁଛି । ଏହି ଯୁଗ୍ମ ମନ୍ଦିର ଗଙ୍ଗ ଶାସନ ସମୟରେ ପଞ୍ଚରଥ ଶୈଳୀରେ ନିର୍ମିତ ହୋଇଛି । ଏଥିରେ ଏକ ବର୍ଗାକାର ବିମାନ ଏବଂ ମନ୍ଦିର ସମ୍ମୁଖରେ ଗୋଟିଏ ପିଣ୍ଡା ରହିଛି ।

### ଏବେ କେମିତି ରହିଛି




ମନ୍ଦିର ପରିସରରେ ଥିବା କୁଣ୍ଡ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସମୟରେ ଗଛର ଡାଳପତ୍ର ପଡ଼ି ପାଣିର ରଙ୍ଗ ବଦଳିବା ସହ ତାର ସୌନ୍ଦର୍ଯ୍ୟ ହରାଉଛି । ଅନ୍ୟପଟେ ପର୍ଯ୍ୟଟକ ବୁଲିବାକୁ ଆସି ଇତିହାସ ସମ୍ପର୍କରେ ଜାଣିବାକୁ ଚାହିଁଲେ ବାହାରେ ଏକ ଛୋଟ ବୋର୍ଡରେ ଇତିହାସ ସମ୍ପର୍କରେ ସ୍ୱଳ୍ପ ତଥ୍ୟ ଲେଖା ଅଛି । ହେଲେ କେହି ମନ୍ଦିରର ପଛ ଇତିହାସ ବିସ୍ତୃତ ଭାବରେ ଜାଣିବାକୁ ଚାହିଁଲେ ସେଠାରେ ଥିବା ପୂଜକ ପରେ ଆସିବାକୁ କହି ଚାଲିଯାଉଛନ୍ତି ବୋଲି ଜଣେ ପର୍ଯ୍ୟଟକ ନିରାଶାର ସହ ମତ ଦେଇଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୧ • ପାଉଣ୍ଡ ୧୨୭.୦୯
- ୟୁରୋ ୧୦୯.୮୫ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୫,୪୦୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୦୯୪.୦୭
- ନିଫ୍ଟି ୨୪,୧୦୨.୯୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



### ଦୁର୍ବଳ ମୌସୁମୀ ବର୍ଷା ବଢ଼ାଇପାରେ ଭାରତର ଚିନ୍ତା

# ଅର୍ଥନୈତିକ ଅଭିବୃଦ୍ଧି ଓ ଦରବୃଦ୍ଧି ଉପରେ ପଡ଼ିପାରେ ସିଧା ପ୍ରଭାବ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି):





ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଦୁର୍ବଳ ରହିଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ଏଭଳି ସତର୍କ ସୂଚନା ଦେଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)। ଆରବିଆଇ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଦେଶର ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୬.୬ ପ୍ରତିଶତ ରହିବ ବୋଲି ଆକଳନ କରିଛି। ଏହା ୨୦୨୫-୨୬ ପାଇଁ ପ୍ରାରମ୍ଭିକ ୭.୭ ପ୍ରତିଶତ ଆକଳନ ତୁଳନାରେ କମ୍। ସେହିପରି ଖୁଚୁରା ମୁଦ୍ରାସ୍ଫୀତି ହାର ୫.୧ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ ଭାରତର ଅର୍ଥନୀତି ଅନ୍ୟ ଅନେକ ଦେଶ ତୁଳନାରେ ଏହି ପରିସ୍ଥିତିକୁ ମୁକାବିଲା କରିବାକୁ ଅଧିକ ସକ୍ଷମ ସ୍ଥିତିରେ ରହିଛି। ଗତ କିଛି ବର୍ଷ ଧରି ଦେଶ ଉଚ୍ଚ ଅଭିବୃଦ୍ଧି ହାର ବଜାୟ ରଖିବା, ମହଙ୍ଗାଇ ନିୟନ୍ତ୍ରଣ, ରାଜକୋଷୀୟ ଶୃଙ୍ଖଳା ଏବଂ ବିଦେଶୀ ମୁଦ୍ରା ଭଣ୍ଡାରକୁ ମଜବୁତ ରଖିବାରେ ସଫଳ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସର ଉଚ୍ଚ-ଆବୃତ୍ତି ସୂଚକଗୁଡ଼ିକ ଦର୍ଶାଉଛି ଯେ, ୨୦୨୬-୨୭ରେ ମଧ୍ୟ ଅର୍ଥନୈତିକ ଗତି ଜାରି ରହିବ। ସହରାଞ୍ଚଳର ଚାହିଦା ବୃଦ୍ଧି ଘରୋଇ ବଜାରକୁ ଶକ୍ତି ଯୋଗାଉଛି। ମେ ମାସରେ ଖାଦ୍ୟ ସାମଗ୍ରୀ ଓ ଇନ୍ଧନ ଦର ବୃଦ୍ଧି ପାଇବା ଫଳରେ ଖୁଚୁରା ମୁଦ୍ରାସ୍ଫୀତି ୩.୫ ପ୍ରତିଶତରୁ ବଢ଼ି ୩.୯ ପ୍ରତିଶତରେ ପହଞ୍ଚିଛି। ଜୁନ୍ ମାସରେ ମଧ୍ୟ ଖାଦ୍ୟ ସାମଗ୍ରୀର ଦାମ ବୃଦ୍ଧି ଜାରି ରହିଥିବା ସଙ୍କେତ ମିଳିଛି। ଏହାସହ ବାହ୍ୟ କ୍ଷେତ୍ରରେ ଭାରତର ସ୍ଥିତି ମଜବୁତ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ନିଅଣ୍ଟିଆ ସ୍ଥିତି ନିୟନ୍ତ୍ରଣରେ ରହିବା ସହ ବିଦେଶୀ ମୁଦ୍ରା ଭଣ୍ଡାର ଏକ ସୁଦୃଢ଼ ସୁରକ୍ଷା କବଚ ଭାବେ କାମ କରୁଛି। ପ୍ରତ୍ୟକ୍ଷ ବିଦେଶୀ ବିନିଯୋଗ ବୃଦ୍ଧି ପାଇଥିବାବେଳେ ବିଦେଶୀ ପୋର୍ଟଫୋଲିଓ ବିନିଯୋଗରେ କିଛି ନିଟ୍ ପ୍ରତ୍ୟାହାର ଦେଖାଯାଇଛି। ଅର୍ଥଶାସ୍ତ୍ରୀମାନଙ୍କ ମତରେ ଯଦି ଆଗାମୀ ସପ୍ତାହଗୁଡ଼ିକରେ ବର୍ଷା ସ୍ଥିତିରେ ସୁଧାର ନ ଆସେ, ତେବେ କୃଷି ଉତ୍ପାଦନ, ଗ୍ରାମୀଣ ଚାହିଦା ଓ ଖାଦ୍ୟ ମହଙ୍ଗାଇ ଉପରେ ଚାପ ବଢ଼ିପାରେ। ତେଣୁ ମୌସୁମୀ ବର୍ଷାର ଗତିବିଧି ଉପରେ ସରକାର ଓ ଆରବିଆଇର ନଜର ରହିଛି।

ଆରବିଆଇର ଡେପୁଟି ଗଭର୍ଣ୍ଣର ପୁନମ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ଯେ ଯଦି ମୌସୁମୀ ବର୍ଷା ଦୁର୍ବଳ ରହେ, ତେବେ ଦେଶର ଜିଡିପି ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ସମ୍ପର୍କିତ ଆକଳନକୁ ପୁନଃବିଚାର କରିବାକୁ ପଡ଼ିପାରେ।

## ଆଇଟି ବ୍ୟବସାୟରେ ପଶିବ ପତଞ୍ଜଳି

### ରୋଲ୍‌ଟା ଇଣ୍ଡିଆକୁ କିଣିବା ନିମନ୍ତେ ୮୩୦ କୋଟିର ପ୍ରସ୍ତାବ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଯୋଗଗୁରୁ ବାବା ରାମଦେବଙ୍କ ପତଞ୍ଜଳି କମ୍ପାନୀ ଆଇଟି ବ୍ୟବସାୟରେ ପ୍ରବେଶ କରିବ। ଋଣଭାରରେ ବୁଡ଼ି ରହିଥିବା ଆଇଟି କମ୍ପାନୀ ରୋଲ୍‌ଟା ଇଣ୍ଡିଆ କ୍ରୟ ପାଇଁ ସିଧାସଳଖ ପତଞ୍ଜଳି ପ୍ରସ୍ତାବ ଦେଇଛି ଏବଂ ଏଥିପାଇଁ ୮୩୦ କୋଟି ଟଙ୍କା ବ୍ୟୟ କରିବାକୁ ପ୍ରସ୍ତୁତ ଅଛି। ନିଜ ପ୍ରସ୍ତାବକୁ ବିଡ଼ିଂ ପ୍ରକ୍ରିୟାରେ ସାମିଲ କରିବାକୁ ପତଞ୍ଜଳି ନେସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ର ଦ୍ୱାରସ୍ଥ ହୋଇଛି। ରୋଲ୍ଟା ଇଣ୍ଡିଆ ଏକ ପ୍ରତିରକ୍ଷା ଓ ଜିଓସ୍ପେସିଆଲ୍ ସଫ୍ଟୱେର କମ୍ପାନୀ ଓ ଏହା ଦୀର୍ଘଦିନ ହେଲା ଋଣଗ୍ରସ୍ତ ରହିଛି। ଋଣ ପରିମାଣ ୧୪୦୦୦ କୋଟି ଅତିକ୍ରମ କରିବା ପରେ ଏହାକୁ ଦେବାଳିଆ ଘୋଷଣା କରାଯାଇଛି।

ଅନ୍ୟପକ୍ଷରେ ବଜାର ବିଶେଷଜ୍ଞମାନେ ପତଞ୍ଜଳିର ରୋଲ୍‌ଟା କ୍ରୟ ଆଗ୍ରହକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଆଇଟି ବ୍ୟବସାୟ ପାଇଁ ନୁହେଁ, ବରଂ ରୋଲ୍ଟାର ମୂଲ୍ୟବାନ ରିଅଲ୍ ଇଷ୍ଟେଟ୍ ସମ୍ପତ୍ତି ପାଇଁ ପତଞ୍ଜଳି ଆଗ୍ରହ ଦେଖାଉଛି ବୋଲି କୁହାଯାଉଛି। ରୋଲଟା କମ୍ପାନୀର ମୁମ୍ବାଇ, କୋଲକାତା ଓ ବରୋଦାରେ ଅନେକ ବାଣିଜ୍ୟିକ ସମ୍ପତ୍ତି ରହିଛି; ଯାହାର ମୂଲ୍ୟ ବହୁତ ଅଧିକ। ଯଦି ପତଞ୍ଜଳି ରୋଲ୍‌ଟା କମ୍ପାନୀକୁ ଅଧିଗ୍ରହଣ କରେ, ତେବେ ଏହା କମ୍ପାନୀର ଏଫଏମସିଜି ଓ ଖାଦ୍ୟ ବ୍ୟବସାୟରୁ ବାହାରି ଟେକ୍ନୋଲୋଜି ଓ ସମ୍ପତ୍ତି କ୍ଷେତ୍ରରେ ଏକ ବଡ଼ କୌଶଳଗତ ପ୍ରବେଶ ଭାବେ ଦେଖାଯିବ। ଏହା ପୂର୍ବରୁ ପତଞ୍ଜଳି ଦେବାଳିଆ ଘୋଷିତ ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍‌କୁ ଅଧିଗ୍ରହଣ କରି ସଫଳତାର ସହ ପରିଚାଳନା କରୁଛି।

## ଆହୁରି ଦୁର୍ବଳ ହେଲା ଟଙ୍କା



ମୁମ୍ବାଇ, ୨୨।୬(ଏଜେନ୍ସି): ଡଲାର ତୁଳନାରେ ଟଙ୍କା ଆଜି ଆହୁରି ଦୁର୍ବଳ ହୋଇଛି। ଗତକାଲି ଟଙ୍କା ମୂଲ୍ୟ ୯୪ ଟଙ୍କା ୩୩ ପଇସା ଥିବା ବେଳେ ଆଜି ଏହା ଆଉରି ୩୦ ପଇସା ଖସିଛି। ବିଦେଶୀ ମୁଦ୍ରା ବିନିମୟ ବଜାର ଆଜି ବନ୍ଦ ହେବା ବେଳେ ଟଙ୍କା ମୂଲ୍ୟ ୯୪ ଟଙ୍କା ୬୩ ପଇସା ଥିଲା। ଆଜି ସକାଳେ ୯୪ ଟଙ୍କା ୪୨ ପଇସାରୁ ଆରମ୍ଭ ହୋଇ ୯୪ ଟଙ୍କା ୭୬ ପର୍ଯ୍ୟନ୍ତ ଚାଲିଯାଇଥିଲା। ଇରାନ ଏବଂ ଆମେରିକା ମଧ୍ୟ ମଧ୍ୟପ୍ରାଚ୍ୟ ଶାନ୍ତି ଚୁକ୍ତିର କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ରହିବାରୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ'ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ



ଭୁବନେଶ୍ୱର, ୨୨।୬ (ଏଜେନ୍ସି): ଭୁବନେଶ୍ୱର ସମେଇଗଡିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ'ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଡିପ୍ଲୋମା ଡିଗ୍ରୀ ଧାରୀ ଯୋଗ ପ୍ରଶିକ୍ଷକ ରତିକାନ୍ତ ପ୍ରଧାନ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଏକାଡେମୀ ର ପିଲାମାନଙ୍କ ସହିତ ଅଭିଭାବକ ମାନେ ଓ ଏକାଡେମୀ'ର କର୍ମକର୍ତ୍ତା ମାନେ ମଧ୍ୟ ଯୋଗଦାନ କରି ଯୋଗ ଶିକ୍ଷା କରିଥଲେ। ନିଜକୁ ତଥା ନିଜର ଶରୀର ଓ ମନକୁ କିପରି ସନ୍ତୁଳନ କରି ନିରୋଗ ରହି ପାରିବା ସେ ବିଷୟରେ ଏକାଡେମୀ'ର ଅଧକ୍ଷା ମୀରାରାଣୀ ଦାସ ଆଲୋଚନା କରିଥିଲେ। ସୁସ୍ଥ ଓ ନିରାମୟ ଜୀବନ ପାଇଁ ଯୋଗ ହିଁ ନିତ୍ୟାନ୍ତ ଆବଶ୍ୟକ ବୋଲି ଏକାଡେମୀ ର ସମ୍ପାଦକ ଶ୍ରୀଯୁକ୍ତ ଯଶୋବନ୍ତ ଦାସ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଲୋଗାନ ଥିଲା "ବେଳ ଥାଉ ଥାଉ ଆସ କରିବା ଉପାୟ, ଯୋଗ କରି ଆମେ ରହିବା ସୁସ୍ଥ ଓ ନିରାମୟ'। ଶେଷରେ ଆଇନ ଉପଦେଷ୍ଟା ସୁବ୍ରତ କୁମାର ମହାପାତ୍ର ସମସ୍ତଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

## କୁନାଲ ଶାହ ହ୍ୱାଟ୍ସଆପ୍‌ର ନୂଆ ମୁଖ୍ୟ



ମୁମ୍ବାଇ, ୨୨।୬(ଏଜେନ୍ସି): ଆର୍ଥିକ ସଂସ୍ଥା କ୍ରେଡ୍‌ର ପ୍ରତିଷ୍ଠାତା କୁନାଲ ଶାହ ହ୍ୱାଟ୍ସ ଆପ୍ ଗ୍ରୁପର ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ଉଇଲ କାଥକାର୍ଟଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ମେଟା ପକ୍ଷରୁ ଘୋଷଣା କରାଯାଇଛି। କ୍ରେଡରେ ୮୫୫୦ କୋଟି ଟଙ୍କା ବିନିଯୋଗ କରିବା ଲାଗି ମେଟା ଘୋଷଣା କରିବା ପରେ ଏଭଳି ପରିବର୍ତ୍ତନ ଦେଖାଦେଇଛି। କ୍ରେଡ୍‌ର ସିଇଓ ପଦରୁ ଇସ୍ତଫା ଦେଇ କୁନାଲ ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। କ୍ରେଡ କଂପାନୀର ମୂଲ୍ୟ ୪୩ ହଜାର କୋଟି ଟଙ୍କା ଥିବା ବେଳେ ମେଟା ଏହାର ୨୦ ପ୍ରତିଶତ ଅଂଶଧନ ଅକ୍ତିଆର କରିବ। ଅନ୍ୟପକ୍ଷରେ କାଥକାର୍ଟଙ୍କୁ ମେଟା ପ୍ଲାଟପର୍ମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଦାୟିତ୍ୱ ଦିଆଯିବ।

## ପାଲିଏଟିଭ୍ କେୟାର ସେବା ପାଇଁ 'ମାଲାବାର କେୟାର କନେକ୍ଟ'



ଭୁବନେଶ୍ୱର, ୨୨।୬ (ସମିସ): ପାଲିଏଟିଭ୍ କେୟାର ସେବାକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସୁଲଭ କରିବା ଲକ୍ଷ୍ୟରେ ମାଲାବାର ଗ୍ରୁପ୍ ଓ କୋଝିକୋଡ୍ ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ପାଲିଏଟିଭ୍ ମେଡିସିନ୍ ମିଳିତ ଭାବେ ଆରମ୍ଭ କରିଛନ୍ତି 'ମାଲାବାର କେୟାର କନେକ୍ଟ'। ଡିଜିଟାଲ ପ୍ଲାଟଫର୍ମ, ସାମୁଦାୟିକ ସହଭାଗିତା, ପ୍ରଶିକ୍ଷଣ ଓ ଜ୍ଞାନ ବିନିମୟ ମାଧ୍ୟମରେ ପାଲିଏଟିଭ୍ କେୟାର ସେବାର ପରିସର ବଢ଼ାଇବା ଏହାର ପ୍ରମୁଖ ଉଦ୍ଦେଶ୍ୟ। କୋଝିକୋଡ୍‌ସ୍ଥିତ ଆଇପିଏମ୍ କ୍ୟାମ୍ପସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହେବା ସହ ଏହି ସହଭାଗିତାକୁ ଔପଚାରିକ ରୂପ ଦିଆଯାଇଥିଲା। ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ ଓ ଇନଷ୍ଟିଚ୍ୟୁଟ୍ ଅଫ୍ ପାଲିଏଟିଭ୍ ମେଡିସିନ୍‌ର ପ୍ରତିନିଧିମାନେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସ୍ୱୀକୃତ ଇନଷ୍ଟିଚ୍ୟୁଟ୍ ଅଫ୍ ପାଲିଏଟିଭ୍ ମେଡିସିନ୍ ସାମୁଦାୟିକ ଆଧାରିତ ପାଲିଏଟିଭ୍ କେୟାର କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ଉଦାହରଣ ଭାବେ ପରିଚିତ।

## ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର ଓ ମୁନ୍ଦ୍ରା ୟୁନିଟ୍ ସମ୍ମାନିତ





ଯାଜପୁର, ୨୨।୬(ସମିସ): ଦେଶର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ପୁଣିଥରେ ସୁରକ୍ଷା ଓ କାର୍ଯ୍ୟକ୍ଷେତ୍ର ପରିଚାଳନାରେ ନିଜର ଉତ୍କର୍ଷତାର ପ୍ରମାଣ ଦେଇଛି। କମ୍ପାନୀର ଯାଜପୁର ୟୁନିଟ୍ ଏବଂ ମୁନ୍ଦ୍ରାସ୍ଥିତ ୟୁନିଟ୍‌କୁ ବ୍ରିଟିଶ ସେଫ୍ଟି କାଉନସିଲ ପକ୍ଷରୁ ପ୍ରଦାନ କରାଯାଉଥିବା ଆନ୍ତର୍ଜାତିକ ସୁରକ୍ଷା ପୁରସ୍କାର-୨୦୨୬ରେ ସମ୍ମାନିତ କରାଯାଇଛି। ଏହି ବର୍ଷ ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର ୟୁନିଟ୍‌କୁ ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଅନ୍ୟତମ 'ଡିଷ୍ଟିଙ୍ଗୁଇସନ୍ ଆୱାର୍ଡ' ପ୍ରଦାନ କରାଯାଇଛି। ସେହିପରି ମୁନ୍ଦ୍ରାସ୍ଥିତ କ୍ରୋମେନି ଷ୍ଟିଲ୍ ଲିମିଟେଡ୍ ୟୁନିଟ୍‌କୁ 'ମେରିଟ୍ ଆୱାର୍ଡ' ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ, ସୁରକ୍ଷା ଓ କର୍ମଚାରୀ କଲ୍ୟାଣ କ୍ଷେତ୍ରରେ ଉତ୍କୃଷ୍ଟ ପରିଚାଳନା ଏବଂ ନିରନ୍ତର ସୁଧାର ପାଇଁ ଏହି ସମ୍ମାନ ମିଳିଛି। ଏ ସମ୍ପର୍କରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି ଯେ, ସୁରକ୍ଷା ହେଉଛି କମ୍ପାନୀର କାର୍ଯ୍ୟ ସଂସ୍କୃତିର ମୂଳ ଭିତ୍ତି। ପ୍ରତ୍ୟେକ ପ୍ରକ୍ରିୟା, ନିଷ୍ପତ୍ତି ଓ କାର୍ଯ୍ୟରେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଏ। ସେହିପରି ଯାଜପୁର ୟୁନିଟ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି ଯେ, ଏହି ସମ୍ମାନ କର୍ମଚାରୀଙ୍କ ସକ୍ରିୟ ଭାଗିଦାରି, ସୁରକ୍ଷା ପ୍ରତି ସଚେତନତା ଏବଂ ନିରନ୍ତର ଉନ୍ନତିର ପ୍ରତିଫଳନ।

## ପୂର୍ବତଟ ରେଳପଥର ୬୩୧ କିମି ରୁଟ୍‌ରେ 'କବଚ' ବ୍ୟବସ୍ଥା

ଭୁବନେଶ୍ୱର, ୨୨।୬(ସମିସ): ଭାରତୀୟ ରେଳବାଇ ରେଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ପୂର୍ବତଟ ରେଳପଥ (ଇଷ୍ଟ କୋଷ୍ଟ ରେଳୱେ) ଅଧୀନ ୬୩୧ ରୁଟ୍ କିଲୋମିଟର ରେ 'କବଚ' ବ୍ୟବସ୍ଥା ସ୍ଥାପନ ପାଇଁ ୨୭୦ କୋଟି ଟଙ୍କାର

**୨୭୦ କୋଟି ଟଙ୍କା ମଞ୍ଜୁର**

ପ୍ରକଳ୍ପକୁ ମଞ୍ଜୁରି ଦେଇଛି। ଏହା ଦେଶୀୟ ପ୍ରଯୁକ୍ତି ଆଧାରିତ ରେଳ ସୁରକ୍ଷା ବ୍ୟବସ୍ଥାର ବିସ୍ତାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ପୂର୍ବତଟ ରେଳପଥର ବଘୁଆପାଳ-ବୁଢାପଙ୍କ, ହରିଦାସପୁର-ପାରାଦୀପ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର, ନୂଆପଡ଼ା-ଗୁଣୁପୁର, ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ଏବଂ ବୋବିଲି-ସାଲୁର ରେଳପଥରେ ଏହା ଲାଗୁ ହେବ। ରେଳ ମନ୍ତ୍ରଣାଳୟ ସୂଚନା ଅନୁସାରେ, କବଚ ବ୍ୟବସ୍ଥା ଲାଗୁ ହେଲେ ଟ୍ରେନ୍ ଚଳାଚଳର ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ସମୟାନୁବର୍ତ୍ତିତାରେ ଉଲ୍ଲେଖନୀୟ



ଉନ୍ନତି ଆସିବ। ବିଶେଷକରି ଘନ କୁହୁଡ଼ି କିମ୍ବା ପ୍ରତିକୂଳ ପାଗ ସମୟରେ ମଧ୍ୟ ଟ୍ରେନ୍ ଚଳାଚଳକୁ ସୁରକ୍ଷିତ ରଖିବାରେ ଏହି ପ୍ରଯୁକ୍ତି ସହାୟକ ହେବ। ଓଡ଼ିଶା ସମେତ ପୂର୍ବତଟ ରେଳପଥ ଅଧୀନ ଥିବା ଅଞ୍ଚଳଗୁଡ଼ିକରେ ଯାତ୍ରୀ ଏବଂ ମାଲବାହୀ ଟ୍ରେନ୍ ସେବା ଏଥିରୁ ଉପକୃତ ହେବ।

## ହର୍ମୁଜ୍ ପ୍ରଣାଳୀ ପାର୍ ହେଲା ୪ଟି ସାର ବୋଝେଇ ଜାହାଜ

### ଖରିଫ୍ ୨୦୨୬ ପାଇଁ ଆସିଲା ୟୁରିଆ, ଡିଏପି ଏବଂ ସଲଫର୍ ସାର

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି):



ଗତ ସପ୍ତାହରେ ଚାରିଟି ସାର ବୋଝେଇ ଜାହାଜ ହର୍ମୁଜ୍ ପ୍ରଣାଳୀ ପାର୍ ହୋଇ ଭାରତ ଉପକୂଳ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହା ଭାରତର ସାର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି। ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ଉତ୍ପନ୍ନ ବିଶ୍ୱ ବାଣିଜ୍ୟିକ ଆହ୍ୱାନ ସତ୍ତ୍ୱେ ଏହି ଜାହାଜଗୁଡ଼ିକ ୟୁରିଆ, ଡିଏପି ଏବଂ ସଲଫର୍ ସାର ନେଇ ଭାରତ ଉପକୂଳରେ ଖୁବ୍ ଶୀଘ୍ର ପହଞ୍ଚିବେ। ଏସବୁ ଜାହାଜ ପାରାଦୀପ, କ୍ରିଷ୍ଣାପଟନମ, କାକିନାଡ଼ା ଏବଂ ମୁନ୍ଦ୍ରା ବନ୍ଦରରେ ପହଞ୍ଚିବାକୁ ଯାଉଛି। ଫଳରେ ଖରିଫ୍ ଋତୁ ୨୦୨୬ ପାଇଁ ସାର ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେବ ବୋଲି କେନ୍ଦ୍ର ସରକାର ଆଶା ପ୍ରକାଶ କରିଛନ୍ତି।

ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଭାରତରେ ବର୍ତ୍ତମାନ ୧୯୬.୦୮ ଲକ୍ଷ ଟନ୍ ସାର ମହଜୁଦ ରହିଛି। ଏହା ପୂର୍ବବର୍ଷର ଷ୍ଟକ୍ ୧୬୮.୬୭ ଲକ୍ଷ ଟନ ଠାରୁ ଅଧିକ। ଦେଶରେ ବର୍ତ୍ତମାନ ୮୧.୪୪ ଲକ୍ଷ ଟନ୍ ୟୁରିଆ, ୨୦.୯୨ ଲକ୍ଷ ଟନ ଡିଏପି, ୫୫.୯୧ ଲକ୍ଷ ଟନ୍ ଏନପିକେ, ୧୨.୬୮ ଲକ୍ଷ ଟନ୍ ଏମଓପି, ୨୫.୧୩ ଲକ୍ଷ ଟନ୍ ଏସଏସପି ସାର ଗଚ୍ଛିତ ରହିଛି। ସଂକଟ ପରେ ମାର୍ଚ୍ଚ ୧ରୁ ଜୁନ୍ ୨୧ ତାରିଖ ମଧ୍ୟରେ ୧୫୩.୪ ଲକ୍ଷ ଟନ୍ ସାର ବିକ୍ରି ହୋଇଛି ଯାହା ଗତ ବର୍ଷ ତୁଳନାରେ ୧୩.୨ ଲକ୍ଷ ଟନ୍ ଅଧିକ। ଦେଶର ଚାଷୀଙ୍କୁ ଅସ୍ଥିର ବିଶ୍ୱ ବଜାର ଠାରୁ ସୁରକ୍ଷିତ ରଖିବା ଲାଗି ଆମଦାନୀ ବ୍ୟତୀତ ଘରୋଇ ଉତ୍ପାଦନ ପ୍ରତି ମଧ୍ୟ ସରକାର ଧ୍ୟାନ ଦେଉଛନ୍ତି। ଚଳିତ ବର୍ଷ ଦେଶରେ ୧୩୩.୧୨ ଲକ୍ଷ ମେଟ୍ରିକ ଟନ୍ ସାର ଉତ୍ପାଦନ କରାଯାଇଛି। ଭାରତ ବିଶ୍ୱ ବଜାରରୁ ୯୦ ଲକ୍ଷ ମେଟ୍ରିକ ଟନ୍ ଅତିରିକ୍ତ ୟୁରିଆ ଏବଂ ପିଏଣ୍ଡକେ ସାର ଯୋଗାଣ ସୁନିଶ୍ଚିତ କରିଛି। ୨୮ଟି ଭାରତୀୟ ବାଣିଜ୍ୟିକ ଦୂତାବାସ ଜରିଆରେ ଏକ ବ୍ୟାପକ କ୍ରୟ ରଣନୀତି ଅନ୍ତର୍ଗତ ବିଭିନ୍ନ ଅନ୍ତର୍ଜାତୀୟ ମାର୍ଗରୁ ସାର ଆମଦାନୀ ଉତ୍ସ ବିକଶିତ କରାଯାଇଛି। ଓମାନ, ମାଲେସିଆ, ଭିଏତନାମ, ଜର୍ଜିଆ, ନାଇଜେରିଆ, ରୁଷିଆ, ଫିନଲ୍ୟାଣ୍ଡ, ଇଜିପ୍ଟ, ଆଲଜେରିଆ, ତୁର୍କୀ ଏବଂ ନେଦରଲ୍ୟାଣ୍ଡରୁ ୟୁରିଆ ଆମଦାନୀ କରାଯାଇଛି। ସେହିପରି ରୁଷ, ମରକ୍କୋ, ଇଜିପ୍ଟ, ଆମେରିକା, ଜୋର୍ଡାନ, ଦକ୍ଷିଣ କୋରିଆ, ଟ୍ୟୁନିସିଆ ଏବଂ ସାଉଦି ଆରବରୁ ଡିଏପି/ଏନପିକେ ସାର ଆମଦାନୀ କରାଯାଇଛି। ଭାରତର ସାର ସୁରକ୍ଷା ସୁଦୃଢ଼, ସ୍ଥିର ଓ ସୁପରିଚାଳିତ ହେବା ନିଶ୍ଚିତ କରିବା ପାଇଁ ସାର ବିଭାଗ ରାଜ୍ୟ ସରକାର, ବଣ୍ଟନ ସଂସ୍ଥା ଏବଂ ସମବାୟ ସମାଜ ସହିତ ମିଳିତ ଭାବରେ ନିରନ୍ତର କାର୍ଯ୍ୟ କରୁଛି।






# ମେସିଙ୍କ କୀର୍ତ୍ତିମାନ

## ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସ୍କୋରର


ଫିଫା ବିଶ୍ୱକପ୍ ଇତିହାସରେ ଲିଓନେଲ ମେସି ବିଶ୍ୱରେକର୍ଡ ୧୭ତମ ଗୋଲ୍ ଦେଇଛନ୍ତି। ସୋମବାର ରାତିରେ ଆର୍ଜେଣ୍ଟିନା-ଅଷ୍ଟ୍ରିଆ ମ୍ୟାଚରେ ପ୍ରଥମ ଗୋଲଟି ଦେଇ ମେସି ଏହି ମାଇଲଖୁଣ୍ଟ ଛୁଇଁଥିଲେ। ଏଥିସହ ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି ମେସି। ସେ ଜର୍ମାନୀର ମିରୋସ୍ଲାଭ କ୍ଲୋଜ (୧୬ ଗୋଲ୍)ଙ୍କ ୧୨ ବର୍ଷ ତଳର ରେକର୍ଡକୁ ପଛରେ ପକାଇଦେଇଛନ୍ତି। ୨୦୦୬ ସଂସ୍କରଣରେ ଜୁନ ୧୬ ତାରିଖରେ ଆର୍ଜେଣ୍ଟିନା-ସର୍ବିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ମେସି ତାଙ୍କର ପ୍ରଥମ ବିଶ୍ୱକପ୍ ଗୋଲ୍ ଦେଇଥିଲେ। ଇତ୍ୟବସରରେ ସେ ୬ଟି ବିଶ୍ୱକପ୍ ଖେଳିସାରିଛନ୍ତି ଓ ସର୍ବମୋଟ୍ ୧୮ ଟି ଗୋଲ୍ ଦେଇଛନ୍ତି। ଚଳିତ ବିଶ୍ୱକପ୍‌ରେ ସେ ଆଲଜେରିଆ ବିପକ୍ଷରେ ମଧ୍ୟ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ।

ତେବେ ଏହି ମ୍ୟାଚରେ ମେସି ଏକ ଅଲୋଡ଼ା ରେକର୍ଡ ମଧ୍ୟ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ମ୍ୟାଚର ୭ମ ମିନିଟରେ ଅଷ୍ଟ୍ରିଆ ଖେଳାଳିଙ୍କ ଫାଉଲ ଯୋଗୁ ଆର୍ଜେଣ୍ଟିନାକୁ ଉପହାର ଆକାରରେ ଏକ ପେନାଲ୍ଟି ମିଳିଥିଲା। ଆର୍ଜେଣ୍ଟିନାର ସବୁଠୁ ଅଭିଜ୍ଞ ଖେଳାଳି ତଥା ଅଧିନାୟକ ମେସି ଏହି ପେନାଲ୍ଟି ସଟ୍ ମାରିବାକୁ ଯାଇଥିଲେ। ତେବେ ଆଶ୍ଚର୍ଯ୍ୟଜନକ ଭାବେ ମେସିଙ୍କ ଏହି ସଟ୍‌ଟି ଗୋଲ୍‌ପୋଷ୍ଟ ବାହାରେ ପଳାଇଥିଲା। ଯାହା ଷ୍ଟାଡିୟମରେ ଉପସ୍ଥିତ ହଜାର ହଜାର ଆର୍ଜେଣ୍ଟିନା ପ୍ରଶଂସକଙ୍କୁ ନିରାଶ କରିଥିଲା। ମେସିଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ଏହା ୧୪୫ତମ ପେନାଲ୍ଟି ଥିବାବେଳେ ସେ ୩୨ଥର ଲାଗି ସଟ୍ ମିସ୍ କରିଛନ୍ତି। ସେହିଭଳି ବିଶ୍ୱକପ୍‌ରେ ମେସି ୭ମଥର ଲାଗି ପେନାଲ୍ଟି ସୁଯୋଗ ପାଇଥିଲେ। କିନ୍ତୁ ୩ୟଥର ପାଇଁ ସେ ମିସ୍ କରିଛନ୍ତି। ଫଳରେ ମେସି ବିଶ୍ୱକପ୍‌ରେ ସର୍ବାଧିକ ପେନାଲ୍ଟି କିକ୍ ମିସ୍ କରିଥିବା ଖେଳାଳି ହୋଇଛନ୍ତି।

### ଫିଫା ବିଶ୍ୱକପ୍‌ରେ ସର୍ବାଧିକ ଗୋଲ୍ ସ୍କୋରର୍

| ଖେଳାଳି | ଦେଶ | ମ୍ୟାଚ | ଗୋଲ୍ |
|---|---|---|---|
| ଲିଓନେଲ ମେସି | ଆର୍ଜେଣ୍ଟିନା | ୨୮ | ୧୮ |
| ମିରୋସ୍ଲାଭ କ୍ଲୋଜ | ଜର୍ମାନୀ | ୨୪ | ୧୬ |
| ରୋନାଲ୍ଡୋ | ବ୍ରାଜିଲ | ୧୯ | ୧୫ |
| ଗେର୍ଡ ମୁଲାର | ଜର୍ମାନୀ | ୧୩ | ୧୪ |
| କେଲିଆନ ଏମ୍‌ବାପ୍ପେ | ଫ୍ରାନ୍ସ | ୧୫ | ୧୪ |


ଗୋଲ୍ ସ୍କୋର ପରେ ମେସିଙ୍କୁ ସାଥୀ ଖେଳାଳିଙ୍କ ବଧାଇ



ଆର୍ଜେଣ୍ଟିନା-ଅଷ୍ଟ୍ରିଆ ମ୍ୟାଚ୍‌ର ରୋମାଞ୍ଚକ ମୁହୂର୍ତ୍ତ



ଷ୍ଟାଡିୟମରେ ଉପସ୍ଥିତ ଶତାୟୁ ପ୍ରଶଂସକ



ଇଜିପ୍ଟ-ନ୍ୟୁଜିଲାଣ୍ଡ ମୁକାବିଲା



ଦୁଇ ଆର୍ଜେଣ୍ଟିନା ପ୍ରଶଂସିକା



ଇଜିପ୍ଟର ମହମ୍ମଦ ସଲା


ଆର୍ଜେଣ୍ଟିନା ମ୍ୟାଚ୍ ଦେଖୁଛନ୍ତି ସାକିରା